# ବିଭିନ୍ନ ସ୍ଥାନରେ କୃଷକ ସଂଗଠନର ବନ୍ଦ ପାଳନ



କୋରାପୁଟ,୨୮।୧(ସମିସ): ଖରିଫ ଧାନ ମଣ୍ଡି ଅବ୍ୟବସ୍ଥା ଓ ଅନ୍ୟାନ୍ୟ ସମସ୍ୟା ନେଇ କଂଗ୍ରେସ ଦଳର ସମର୍ଥନରେ ନବ ନିର୍ମାଣ କୃଷକ ସଙ୍ଗଠନ ବୁଧବାର ଓଡ଼ିଶା ବନ୍ଦ ଡାକରା ଦେଇଥିବାବେଳେ ଏହା କୋରାପୁଟ ଜିଲ୍ଲାରେ ଆଂଶିକ ସଫଳ ହୋଇଛି। ନବ ନିର୍ମାଣ କୃଷକ ସଙ୍ଗଠନକୁ ସମର୍ଥନ କରି ଜିଲ୍ଲା କଂଗ୍ରେସ ପକ୍ଷରୁ କୋରାପୁଟ ଜିଲ୍ଲାରେ ସକାଳ ୮ ଟା ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆ ଯାଇଥିଲା। ବନ୍ଦ ଯୋଗୁଁ କୋରାପୁଟ ଜିଲ୍ଲାରେ ଭାରୀ ଯାନ ଚଳାଚଳ ଓ ଦୋକାନ ବଜାର ବନ୍ଦ ରହିଥିଲା। ଜିଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ନିମାଇଁ ସରକାର, ସାଂସଦ ପ୍ରତିନିଧି ମୋନଜ ଆଚାର୍ଯ୍ୟଙ୍କ ସମେତ ବହୁ ନେତା ଓ କର୍ମୀ ସ୍ଥାନୀୟ ଟ୍ରାଫିକ ଛକ ଠାରେ ୨୬ ନଂ ଜାତୀୟ ରାଜପଥର ଉପରେ ବସିବା ସହିତ ରାଜ୍ୟସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ। ଏହା ଯୋଗୁଁ ଜାତୀୟ ରାଜପଥର ଉଭୟ ପାଶ୍ୱ?ରେ ଟ୍ରକ ଅଟକି ରହିଥିଲା। କୋରାପୁଟ ଜିଲ୍ଲାରେ ଏହା ୪ ଘଣ୍ଟା ପାଇଁ କରା ଯାଇଥିଲା। ବନ୍ଦ ପ୍ରଭାବରେ କିଛି ବ୍ୟାଙ୍କ ବନ୍ଦ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟ ଓ ଆଉ କିଛି ବ୍ୟାଙ୍କ ସାଧାରଣ ଭାବେ ଖୋଲା ରହିଥିଲା।

**ଜୟପୁର:** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଏହି ବନ୍ଦ ଡାକରାକୁ ଜୟପୁର ଠାରେ କୃଷକ କଲ୍ୟାଣ ମଞ୍ଚ, କିଛି ଶ୍ରମିକ ସଂଗଠନ ସମେତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ କଂଗ୍ରେସ ଦଳ ପକ୍ଷରୁ ସମର୍ଥନ କରିଥିଲା। କିନ୍ତୁ ଏହି ବନ୍ଦ ଡାକରା ଜୟପୁର ଠାରେ ଆଂଶିକ ପ୍ରଭାବ ପଡିଥିଲା। ପୂର୍ବାହ୍ନରେ ବସ ଚଳାଚଳ ଚାଲୁ ରହିଥିଲା ଏବଂ କିଛି ଦୋକାନ ମଧ୍ୟ ଖୋଲାଯାଇଥିଲା। କିନ୍ତୁ ପୂର୍ବାହ୍ନ ୮ ଟା ସମୟରେ ନବନିର୍ମାଣ କୃଷକ ସଂଗଠନର ସଦସ୍ୟଙ୍କ ସମେତ ଶ୍ରମିକ ସଂଗଠନ, ସିପିଆଇ ଏବଂ କଂଗ୍ରେସ ଦଳ କିଛି ସଦସ୍ୟ ସ୍ଥାନୀୟ ଟ୍ରାଫିକ ଛକ ଠାରେ ୨୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରାଯାଇ ଯାନବାହାନ ଯାତାୟାତକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଥିଲେ। ଏହିପରି ଉଭୟ ପାଶ୍ୱର୍ରେ ବସ, ଟ୍ରକ ଏବଂ ଅନ୍ୟାନ୍ୟ ଭାରୀ ଯାନବାହାନ ଗୁଡିକ ଅଟକି ରହିଥିଲା। କିନ୍ତୁ ସହରକୁ ସଂଯୋଗ କରୁଥିବା ଅନ୍ୟାନ୍ୟ ରାସ୍ତା ଗୁଡିକରେ ଅନ୍ୟାନ୍ୟ ଯାନବାହାନ ଚଳଚାଳ ଜାରି ରହିଥିଲା। ସେହିପରି ପ୍ରାୟ ଅଧିକାଂଶ କାର୍ଯ୍ୟାଳୟ ଗୁଡିକ ଖୋଲା ରହି କାର୍ଯ୍ୟ ହେଉଥିବା ବେଳେ କାଁ ଭାଁ ଦୋକାନ ବଜାର ବନ୍ଦ ରହିଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ରଣ୍ଡାପାଲ୍ଲୀ ପୋଲିଟେକନିକାଲ ମହାବିଦ୍ୟାଳୟରେ କିଛି ପାଠ୍ୟକ୍ରମ ପରୀକ୍ଷା ରହିଥିବା ଯୋଗୁଁ ତହସିଲଦାର ସବ୍ୟସଚୀ ଜେନାଙ୍କ ଅନୁରୋଧ କ୍ରମେ ଯାତାୟାତରେ ଆନ୍ଦୋଳନକାରୀ ମାନେ କୌଣସି ବାଧା ସୃଷ୍ଟି କରିନଥିଲେ। ଏହି ଆନ୍ଦୋଳନ ଅବସରରେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଂଯୋଜକ ନରେନ୍ଦ୍ର ପ୍ରଧାନ, ମନୋଜ ପାତ୍ର, ଜୟନ୍ତ ପଟନାୟକ, କାହ୍ନୁ ସାମନ୍ତରାୟ, ବୁଦ୍ଧୁ ମହାପାତ୍ର,ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ରାଜେଶ ବେହେରା, କିଶୋର ନାୟକ, ଗୁପ୍ତେଶ୍ୱର ଭୂମିଆ, ଯୋଗେଶ୍ୱର ବେହେରା, ବିଶ୍ୱନାଥ ହରିଜନ, କେ।ଶ୍ରୀନିବାସ ରାଓ, ଅକ୍ଷୟ ମିଶ୍ର, ବିଶ୍ୱନାଥ ଗୌଡ ପ୍ରମୁଖ ଉପସ୍ଥିତ ରହିଥିଲେ।



**ସେମିଲିଗୁଡା:** କୋରାପୁଟ ଜିଲ୍ଲାର ସେମିଲିଗୁଡା ରେ ବନ୍ଦର ଆଂଶିକ ପ୍ରଭାବ ଦେଖା ଦେଇଛି। ସେମିଲିଗୁଡାରେ ସକାଳେ ବନ୍ଦ ଦେଖା ଯାଇ ନଥିବା ବେଳେ ଅପରାହ୍ନ ୧୨ରୁ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା। ଗାଡ଼ି ଚଳାଚଳ ଏକ ଘଣ୍ଟା ପାଇଁ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ଟ୍ରାଫିକ ଛକଠାରେ ୨୬ ନଂ. ଜାତୀୟ ରାଜପଥର ଉପରେ ବସିବା ସହିତ ରାଜ୍ୟସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ବିରୋଧ କରି ସ୍ଲୋଗାନ ମାନ ଦେଇଥିଲେ। ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ବହୁ ଗାଡି ଅଟକି ରହିଥିଲା। ସେମିଲିଗୁଡା ଜିଲ୍ଲା ପରିଷଦ ମୋହନ ଜାନି, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗଦୀଶ ବାଘ, ସାଂସଦ ପ୍ରତିନିଧି ପିଣ୍ଟୁ କର,ନେତା ଅଶୋକ କନ୍ଦପାନ, ଯୁବ ନେତା ବାବୁଲା ପାଙ୍ଗି, ଜେମ୍ସ ଗାଡିଶ୍ୟାମ, ଦିୱାନ କୁଲଦୀପ ଏବଂ କଂଗ୍ରେସ କର୍ମକର୍ତା ଯୋଗଦେଇଥିଲେ

**କୁନ୍ଦୁରା:** କୁନ୍ଦୁରାରେ ୮ ଘଣ୍ଟିଆ ଓଡିଶା ବନ୍ଦ ପାଳନ ହୋିଛି। ଆଜିର ଏହି ବନ୍ଦ ଡାକରାରେ କୁନ୍ଦୁରା ବ୍ଲକ କଂଗ୍ରେସ କାର୍ଯ୍ୟକର୍ତା, ବ୍ଲକ ବିଜେଡି କାର୍ଯ୍ୟକର୍ତା, କୃଷକ କଲ୍ୟାଣ ମଞ୍ଚ ସଦସ୍ୟ ମାନେ ମିଳିତ ଭାବେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କୁନ୍ଦୁରା ଅଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ ବେସରକାରୀ ଅନୁଷ୍ଠାନ, ସ୍କୁଲ କଲେଜ ବନ୍ଦ କରିବା ସହ ରାଜରାସ୍ତା ଅବରୋଧ କରିଥିଲେ। ସରକାର ଙ୍କୁ ସମାଲୋଚନା କରି ନାରାବାଜି ହୋଇଥିବା ଦେଖିବାକୁ ମିଳିଥିଲା।

**ବୈପାରୀଗୁଡା:** ବୈପାରୀଗୁଡା ଠାରେ ଓଡିଶା ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଚାରି ଛକରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ବନ୍ଦ ଡାକରାରେ ସାମିଲ ହୋଇଛନ୍ତି ବୈପାରୀଗୁଡାର ବିଜେଡି ଏବଂ କଂଗ୍ରେସ ଦଳ। ସକାଳ ୬ ଟା ଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହୋଇଥିଲା। ଧର୍ମଘାଟ ଯୋଗୁଁ ବୈପାରୀଗୁଡା ଛକର ଉଭୟ ପାଶ୍ୱର୍ରେ ବସ ଟ୍ରକକୁ ଅଟକାଇ ଥିଲେ ଆନ୍ଦୋଳକାରୀ। ଧାନ ମଣ୍ଡି, ପିୟୁସିସି ଓ ସ୍ମାର୍ଟ ମିଟର ପ୍ରସଙ୍ଗରେ ୮ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ତିନିଟି ପ୍ରସଙ୍ଗକୁ ନେଇ ବୈପାରୀଗୁଡା ଠାରେ ମଧ୍ୟ ବନ୍ଦ ପାଳନ ବେଳେ ଦୋକାନ ବଜାର ସଂଘ ସମର୍ଥନ ଜଣାଇଥିଲେ।

**ନନ୍ଦାହାଣ୍ଡି:** କୃଷକ ସଂଗଠନର ଡାକରାକ୍ରମେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ନନ୍ଦାହାଣ୍ଡି ବ୍ଲକରେ ୮ ଘଣ୍ଟିଆ ଚକାଜାମ ହୋଇଥିଲା। ବନ୍ଦର ପ୍ରଭାବ ନନ୍ଦାହାଣ୍ଡି ବ୍ଲକ ଠାରେ ମଧ ଦେଖିବାକୁ ମିଳିଥିଲା। ସମସ୍ତ ଚାଷୀ ରାଜ ରାସ୍ତାକୁ ଓହ୍ଲାଇ କଂଗ୍ରେସ ସମର୍ଥନ ଦେଇ ନିଜର ହକ ପାଇଁ ଆବାଜ ଉଠାଇଛନ୍ତି। ସରୁଗୁଡା ଲୁହା ବ୍ରିଜରେ ଧାନ ରଖି ଚକାଜାମ କରାଯାଇଥିଲା। ବର୍ତ୍ତମାନ ଯଦି ସରକାର ଚାଷୀଙ୍କ ସମସ୍ୟା ପାଇଁ ସମାଧାନ ନ କରନ୍ତି ତେବେ ଆଗାମୀ ଦିନରେ ତୀବ୍ରତର ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ କହିଛନ୍ତି। ଆଜିର ଚକଅଖ ବନ୍ଦ ପାଇଁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଚାଷୀଙ୍କ ସମସ୍ୟା ଉପରେ ସରକାର ଚିନ୍ତା କରି ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।ଅନ୍ୟପଟେ ଚକଅଖ ବନ୍ଦ ଥିବା ବେଳେ ଜରୁରୀକାଳୀନ ସେବା ଓ ଦୋକାନ ବଜାର ସବୁ ଖୋଲା ରହିଥିଲା।

## ଉପ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ହଟିଲା ଧାରଣା



ଲକ୍ଷ୍ମୀପୁର,୨୮।୧(ସମିସ): ଲୋକଙ୍କୁ ଘର ଡିହ ପଟ୍ଟା ପାଇଁ ଆଜକୁ ଦୁଇ ଦିନ ଧରି ଧାରଣା ରେ ବସିଥିଲେ ବିରିଗୁଡ଼ା ବାସିନ୍ଦା। ଖବର ପାଇ ଉପ ଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ ଲକ୍ଷ୍ମୀପୁର ତହସିଲ କାର୍ଯ୍ୟାଳୟକୁ ଆସି ଧାରଣାକାରୀଙ୍କ ସହ ଦୀର୍ଘ ୩ ଘଣ୍ଟା କାଳ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକ ପ୍ରତିନିଧି ତଥା ଜିଲ୍ଲାପରିଷଦ ଅଧ୍ୟକ୍ଷା ସସ୍ମିତା ମିଲେକା, ବିଧାୟକ ପବିତ୍ର ସାଉଁନ୍ତା, ବିଜେଡ଼ି ଜିଲ୍ଲା ସଭାପତି ଝିନ ହିକକା,ପୂର୍ବତନ ବିଧାୟକ କୈଳାଶ କୁଲେସିକା, ବିଜେଡ଼ି ବ୍ଲକ ସଭାପତି ବିପିନ ମାଣ୍ଡିଙ୍ଗା ଓ ବିରିଗୁଡ଼ା ଗାଁର କିଛି ମୁଖିଆ ମାନେ ସବୁ ବସି ତହସିଲ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ଘର ଡିହ ପଟା ପାଇଁ ଉପ ଜିଲ୍ଲାପାଳ ଶ୍ରୀ ହିଆଲ୍ ଆବେଦନ ପାଇଁ ଲୋକଙ୍କୁ କହି ଥିଲେ। ସେମାନଙ୍କୁ ପ୍ରତି ଘର ପିଛା ଗୋଟିଏ ଗୋଟିଏ ଫର୍ମ ଦିଆ ଯାଇଥିଲା। ପଟା ପ୍ରଦାନ ପାଇଁ ଆନୁମାନିକ ୯୦ ଦିନ ସମୟ ଲାଗିବ ବୋଲି ଉପ ଜିଲ୍ଲାପାଳ କହିଛନ୍ତି। ଏହା ପରେ ଧାରଣାକାରୀ ମାନେ ଧାରଣାରୁ ଓହରି ଥିଲେ। ଆଲୋଚନା ସମୟରେ କମ୍ପାନୀ ନେତୃତ୍ୱ ନେଇ ଆସିଥିବା ଅଧିକାରୀ ଦୀପକ ମହାନ୍ତି ଓ ସଞ୍ଜୀବ କୁମାର ପଟେଲ ସରକାର ଆମକୁ ଯାହା ନିର୍ଦ୍ଦେଶ ଦେବେ ସେହି ଅନୁସାରେ କାମ କରିବୁ ସେଥିରେ କୌଣସି ଖିଲାପ କରାଯିବ ନାହିଁ ନିର୍ଦ୍ଦେଶ ଅପେକ୍ଷାରେ ଆମେ ରହିଛୁ ବୋଲି କହି ଥିଲେ। ତେଣୁ ସରକାର ଏହି ଲୋକମାନଙ୍କୁ କେଉଁ ଦିଶା ଦେଖାଉଛନ୍ତି ତାକୁ ଅପେକ୍ଷା ରେ ସମସ୍ତେ। ସ୍ଥାନୀୟ ଏସଡିପିଓ ମୋନଜ କୁମାର ବେହେରା, ଆଇଆଇସି ସୁଜ୍ଞାନୀ ସାହୁ ଓ ଅନ୍ୟ ପୋଲିସ୍ କର୍ମଚାରୀ ମଧ୍ୟ ଉପସ୍ଥିତ ରହିଥିଲେ। ତହସିଲଦାର ନୈବେଦ୍ୟ ଭୋଇ, ଅତିରିକ୍ତ ତହସିଲଦାର ମାଧବ ଭୋତ୍ରା ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

## କୋଟିଆରେ ହାଇଭୋଲ୍ଟେଜ୍ ବିଦ୍ୟୁତ ଯୋଗାଣକୁ ଭଣ୍ଡୁର କରିବାକୁ ଆନ୍ଧ୍ରର ଷଡ଼ଯନ୍ତ୍ର

ପଟ୍ଟାଙ୍ଗି,୨୮।୧(ସମିସ): ଉପର ସେମ୍ବି ଗ୍ରାମରେ ଓଡ଼ିଶାର କାର୍ଯ୍ୟକ୍ରମ କରିବାକୁ ନ ଦେବା ପାଇ ତମ୍ବୁଭାଙ୍ଗିଥିଲା ଆନ୍ଧ୍ର। ଏହାପରେ କୋଟିଆରେ ଗତ ରବିବାର ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଗସ୍ତ କରିବା ସହ କୋଟିଆର ସମସ୍ତ ଗ୍ରାମକୁ ହାଇ ଭୋଲ୍ଟେଜ୍ ବିଦ୍ୟୁତ ଯୋଗାଣ ନିମନ୍ତେ ନୂତନ ସବ୍‌ଷ୍ଟେସନ କରିବା ନିମନ୍ତେ ଶୁଭ ଦେଇଥିଲେ। କିନ୍ତୁ ପ୍ରକଳ୍ପକୁ ଭଣ୍ଡୁର କରିବା ନିମନ୍ତେ ଆନ୍ଧ୍ର ପ୍ରଦେଶ ଏକ ନୂତନ ପ୍ରୟାସ ଆରମ୍ଭ କରିଥିବା ନଜରକୁ ଆସିଛି। ଉପର ସେମ୍ବି ଗ୍ରାମରେ ଆନ୍ଧ୍ର ପ୍ରଦେଶର ଜନସେନା ଦଳର ଜନପ୍ରତିନିଧି ଅନୁପ୍ରବେଶ କରି ଲୋକଙ୍କୁ ଉକ୍ତ ପ୍ରକଳ୍ପ କେବଳ ଖଣି ଖନନ ପାଇଁ ଓଡ଼ିଆ କରୁଛି ବୋଲି କହି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଆଗାମୀ ଦିନରେ ଉକ୍ତ ପ୍ରକଳ୍ପ ବିରୋଧରେ ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଚିଠି ଲେଖିବେ ବୋଲି କହିଥିବା ନେଇ ଜଣାପଡିଛି। ସୂଚନା ଅନୁଯାୟୀ ଆନ୍ଧ୍ର ପ୍ରଦେଶରେ ଦୁଇଗୋଟି ଦଳ ତଥା ଟିଡିପି ଏବଂ ଜନସେନା ମିଳିତ ଭାବେ ମେଣ୍ଟ ସରକାର ଗଠନ କରିଛନ୍ତି। ମଙ୍ଗଳବାର ଆନ୍ଧ୍ର ସାଲୁରୁ ଜନସେନା ଦଳର ନେତା ଏବଂ ସ୍ଥାନୀୟ ଓକିଲ ରେଗୁ ମହେଶ୍ୱର ରାଓ ଓଡ଼ିଶା ୩୩/୧୧ କେବି ସବଷ୍ଟେସନ ନିର୍ମାଣ କରିବାକୁ ଥିବା ଉପର ସେମ୍ବି ଗ୍ରାମରେ ଅନୁପ୍ରବେଶ କରିଥିଲେ। ସେଠାରେ ଗ୍ରାମବାସୀଙ୍କୁ ଏକତ୍ରିତ କରି ଓଡ଼ିଶା ସରକାରଙ୍କ ବିରୁଦ୍ଧରେ ସମାଲୋଚନା କରିଥିବା ନେଇ ଜଣାପଡିଛି। ଏହାପରେ ସେ ନିଜ ମତ ଦେଇ ଉପର ଶେମ୍ବି ଗ୍ରାମବାସୀ ଉକ୍ତ ପ୍ରକଳ୍ପକୁ ବିରୋଧ କରୁଛନ୍ତି, ଯଦି ଲୋକେ ଏହାକୁ ବନ୍ଦ କରିବାକୁ ଚେଷ୍ଟା କରନ୍ତି, ତେବେ ଓଡ଼ିଶା ସରକାର ହିଂସାର ଆଶ୍ରୟ ନେବେ ବୋଲି ସ୍ଥାନୀୟ ଅଧିବାସୀଙ୍କୁ ଭୂତାଇଥିବା ନେଇ ଜଣାପଡିଛି। ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିବା ପାଇଁ ରାଜ୍ୟ ସରକାରଙ୍କୁ ଏକ ଚିଠି ଲେଖିବେ ବୋଲି କହିଛନ୍ତି। ଏବଂ ଜନସେନା ଦଳର ନେତା ତଥା ଆନ୍ଧ୍ର ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କୁ କୋଟିଆର ପରିସ୍ଥିତି ବିଷୟରେ ଚିଠି ଲେଖିଥିବା ନେଇ ଲୋକଙ୍କୁ କହିଥିବା ଜଣାପଡିଛି।

## ପ୍ରତାରଣା ଅଭିଯୋଗ, ପ୍ରେମିକ ଗିରଫ

ଜୟପୁର, ୨୮ ।୧,(ସମିସ):କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନାରେ ପ୍ରେମିକାଙ୍କ ମିଥ୍ୟା ପ୍ରତିଶୃତି ଦେଇ ପରେ ପ୍ରତାରଣା ମାମଲାରେ ଅଭିଯୁକ୍ତ ପ୍ରେମିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ କୋଟପାଡ ଥାନା ଅଞ୍ଚଳର ଭଗବାନ ମାଝି (୨୨)। ପୁଲିସ ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଉକ୍ତ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶୃତି ଦେଇ ଦୈହିକ ସମ୍ପର୍କ ରଖିଥିଲେ। ଏହିପର ଉଭୟ ତାମିଲନାଡୁ ରାଜ୍ୟକୁ ନେଇ ଏକାଠି ରହି ଦିନ ମଜୁରୀଆ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ମଧ ଅଭିଯୁକ୍ତ ପ୍ରେମିକାଙ୍କ ସହିତ ଦୈହିକ ସମ୍ପର୍କ ରଖୁଥିଲେ। ଏହିପରି ପୀଡିତା ପ୍ରେମିକା ଯୁବତୀ ବିବାହ କରିବାକୁ ଅଭିଯୁକ୍ତଙ୍କ ଉପରେ ଚାପ ପକାଇବା ପରେ ଅଭିଯୁକ୍ତ ନିଜ ଗ୍ରାମକ ଯାଇ ଟଙ୍କା ଆଣି ବିବାହ କରିବାକୁ ପ୍ରତିଶୃତି ଦେଇଥିଲେ ଏବଂ ସେଠାରୁ ଚାଲି ଆସିଥିଲେ। କିଛି ଦିନ ପରେ ପୀଡିତା ପ୍ରେମିକ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ସୂଚନା ପାଇବା ପରେ ଗ୍ରାମକୁ ଫେରି ପ୍ରେମିକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରି ତାଙ୍କୁ ପ୍ରତାରଣା କାହିଁକି କରାଯାଇଛି ବୋଲି ପଚାରିବାରୁ ଅଭିଯୁକ୍ତ ଏବଂ ତାଙ୍କ ପରିବାର ମାଡ ମାରି ଘରରୁ ତଡି ଦେଇଥିଲେ। ଏଥିନେଇ ଥାନାରେ ଏକ ମାମଲା (୨୨/୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇଥିବା ନେଇ ଥାନା ଅଧିକାରୀ ଆଶ୍ରିତା ଖାଲକୋ ପ୍ରକାଶ କରିଛନ୍ତି।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କମ୍ବାଟ ସ୍ପୋର୍ଟସ ଏକାଡେମୀକୁ ୧୮ ପଦକ ହାସଲ

କୋରାପୁଟ/ସୁନାବେଡ଼ା,୨୮।୧(ସମିସ): ସୁନାବେଡା କମ୍ବାଟ ସ୍ପୋର୍ଟସ ଏକାଡେମୀର ଖେଳାଳୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର ରୟାଲ କଲେଜରେ ଆୟୋଜିତ ଖେଲୋ ଇଣ୍ଡିଆ ରାଜ୍ୟ ୱିସୁ ସିଟି ଲିଗ୍ ଏବଂ ୩୧ ତମ ଓଡିଶା ରାଜ୍ୟ ୱିସୁ ଚମ୍ପିୟାନସିପରେ ସୁନାବେଡା କମ୍ବାଟ ସ୍ପୋର୍ଟସ ଏକାଡେମୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ଏଥିରେ ୧୪ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ୧୮ ଟି ପଦକ ଅର୍ଜନ କରିଥିବା ଏକାଡେମୀର ସାଧାରଣ ସଂପାଦକ ତଥା କୋଚ ମିଥୁନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।ଏଥିରେ ୬ ଟି ସ୍ୱର୍ଣ୍ଣ ,୮ ଟି ରୌପ୍ୟ ଏବଂ ୪ ଟି କାଂସ୍ୟ ପଦକ ରହିଛି। ମୟନ ବାଘ, ଆର ପଦ୍ମା, ପ୍ରତ୍ୟୁଷ ପ୍ରଧାନ, ସଂକଳ୍ପ ଯଇସ୍ୱାଲ, ଆଦେଶ ସୁନା, ଦିବ୍ୟଜ୍ୟୋତି ପରିଜା, ମନୀଷ ଖିଲ, ଦେବନାଶ ମିଶ୍ର, ସ୍ପନ୍ଦନ ଆଚାର୍ଯ୍ୟ, ଭାର୍ଗବୀ ପ୍ରିୟଦର୍ଶିନୀ, କଲ୍ୟାଣ୍ମୟୀ ତନ୍ତୀ, ସୁନାଲିସା ଦେହୁରୀ, ଶ୍ୟାମ ବାଘ ଏବଂ ହରିଓମ ବେହେରା ପଦକ ହାସଲ କରିଥିବା କୋଚ ମିଥୁନ ଚକ୍ରବର୍ତ୍ତୀ କହିଛନ୍ତି। ଆଜି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ପଦକ ହାସଲ କରିଥିବା ଛାତ୍ରଛାତ୍ରୀ ମାନେ ଭେଟିଥିଲେ।ପଦକ ହାସଲ କରିଥିବା ସମସ୍ତ ଖେଳାଳୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ମହାଜନ ଧନ୍ୟବାଦ ଜଣାଇବା ସହ ପ୍ରୋତ୍ସାହିତ କରିଥିଲେ।

## ସେରୁବନ୍ଧ ପର୍ବତ ସୁରକ୍ଷା ସମିତିର ସାଧାରଣ ସଭା



ପଟ୍ଟାଙ୍ଗି,୨୮।୧(ସମିସ): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ନୂଆଗାଁ ପଞ୍ଚାୟତର ଝାଙ୍କର ପଡିଆ ନୂଆଗାଁ ଠାରେ ସେରୁବନ୍ଧ ପର୍ବତ ସୁରକ୍ଷା ସମିତି ପଟ୍ଟାଙ୍ଗି ର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମଟି କୋରାପୁଟିଆ ଜନସୁରକ୍ଷା ସଂଘ ସଭାପତି ଦାସୀ ନନ୍ଦିବାଲିଙ୍କ ଅଧ୍ୟକ୍ଷତାରେ ଆୟୋଜନ କରାଯାଇଛି। ସେରୁବନ୍ଧ ସୁରକ୍ଷା ସଂଘ ପଟ୍ଟାଙ୍ଗିର ସଭାପତି ରବି ଖରା ଅତିଥି ପରିଚୟ ଦେବା ସହ ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ନେଇ କହିଥିଲେ। ସଭାପତି ଶ୍ରୀ ଖରା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ତଥା ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନଙ୍କୁ ପେସା ଆଇନ ଉପରେ ସଚେତନ କରିଥିଲେ। ଜଙ୍ଗଲ ଅଧିକାରୀ ଆଇନ ୨୦୦୬, ଲିଜ ପ୍ରତ୍ୟାହାର, ଚଇତି ପରବ, ବଡଦେବତା ପୂଜା ନିମନ୍ତେ ମାଟି ବୁଲାଣି ଆଦି ଉଦ୍ଦେଶ୍ୟ ନେଇ ଛଅ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମବାସୀ ଓ ଓଡ଼ିଶାର ସମସ୍ତ ଜନ ସଂଗଠନକୁ ନେଇ ସମାବେଶ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକ ଶକ୍ତି ଆବାହକ ତଥା ପରିବେଶବିତ ପ୍ରଫୁଲ୍ଲ କୁମାର ସାମନ୍ତରାୟ ଯୋଗ ଦେଇଥିଲେ। ମୂଖ୍ୟ ବକ୍ତା ଭାବେ ନିୟମଗିରି ଉପଦେଷ୍ଟା,ସମାଜବାଦୀ ଜନ ପରିଷଧିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ ଏନ୍ ଏ ପି ଏମ୍ ର ଆବାହକ ଲିଙ୍ଗରାଜ ଆଜାଦ ଯୋଗଦାନ ନେଇ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ନେତୃ ମଣ୍ଡଳୀ ତଥା ଏଚ୍ ଏ ଏଲ୍ ସୁନାବେଢ଼ାର ବିସ୍ଥାପିତ ସଂଘର ସଭାପତି ଲଇଛନ ମୁଦୁଲି, ନାଗେଶ୍ୱରି ସୁରକ୍ଷା ସମିତିରୁ ଅଜୟ ମୁଦୁଲି, ବିଜୟ ମୁଦୁଲି ଓ ଲକ୍ଷ୍ମୀ ସୀସା, ଦେଓମାଳି ସୁରକ୍ଷା ସମିତିର ଜିଶୁଦାନ୍ ଦିସାରି, ନିୟମ ଗିରି ସୁରକ୍ଷା ସମିତିର ନାରୀ ନେତ୍ରୀ ବନତି କାଡ୍ରାକା ଓ ଉପେନ୍ଦ୍ର ଦ୍ରାବିଡ,ସମାଜବାଦୀ ଜନ ପରିଷଦର ସାଧାରଣ ସମ୍ପାଦକ ରାଜକିଶୋର ଦୁଲହରି,ମା ମାଟି ମାଲି ସୁରକ୍ଷା ମଞ୍ଚ କ୍ରାନ୍ତି କାରୀ ସାଥୀ ଲକ୍ଷ୍ମଣ ନାୟକ, କଡିଙ୍ଗା ମାଳି ସୁରକ୍ଷା ସମିତି ର କାର୍ଯ୍ୟକାରୀ ସମ୍ପାଦକ ନିରଞ୍ଜନ ଖିଲ,ମାଳିପର୍ବତ ସୁରକ୍ଷା ସମିତିର ସଭାପତି ବିଜୟ ଖିଲ,ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗ ଓନୂଆଗାଁ ପଞ୍ଚାୟତର ସରପଞ୍ଚ ସୁବାଷ ଖରା, ମାଳିପୁଟ ସରପଞ୍ଚ ସୋମନାଥ ଗୁଣ୍ଟା, ପଟ୍ଟାଙ୍ଗି ସରପଞ୍ଚ ଆଲମେ ଫୁଲ, କୋଟିଆ ସରପଞ୍ଚ ଲୀୟୁ ଗେମେଲ, ପଟ୍ଟାଙ୍ଗି ଜୋନ ୧ ର ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ, ପଟ୍ଟାଙ୍ଗି ଜୋନ ୨ ର ଜିଲ୍ଲା ପରିଷଦ ସଦସ୍ୟ ଲଇଛନ ଖରା,ମାଳିଗୁଡ଼ା ସରପଞ୍ଚ ପ୍ରତିନିଧି ମାଙ୍ଗୁଡୁ ଜାନି, ସେରୁବନ୍ଧ ସୁରକ୍ଷା ସମିତିର ସହ ସମ୍ପାଦକ ଭଗବାନ ଗୋଲରି, ବଦ୍ୟନାଥ ଗେମେଲ, ହରିଶ ପାଙ୍ଗି,ଘନଶ୍ୟାମ ଗେମେଲ ପ୍ରମୁଖ ନେତୃ ମଣ୍ଡଳୀ ଯୋଗଦାନ ଦେଇ ନିଜ ନିଜର ମତ ପ୍ରକାଶ କରିଥିବା ଦେଖିବାକୁ ମିଳିଛି।

## ଶ୍ରୀଶ୍ରୀଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ

ସୁନାବେଡ଼ା,୨୮।୧ (ସମିସ); ସୁନାବେଡ଼ା -୧ ହାଉସିଂ ବୋର୍ଡ ସ୍ଥିତ ଶ୍ରୀଶ୍ରୀଶ୍ରୀ ବିଶ୍ୱେଶ୍ୱର ମହାଦେବ ଶିବ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଏକ ଶୋଭାଯାତ୍ରା ବାହାରି ନିକଟସ୍ଥ କେରାଣ୍ଡି ନଦୀ ତଟରୁ ଜଳପୂର୍ଣ୍ଣ କଳସ ଅଣାଯାଇ ବିଶ୍ୱେଶ୍ୱର ମହାଦେବ ଶିବ ମନ୍ଦିର ସମ୍ମୁଖରେ ଥିବା ମଣ୍ଡପରେ ସ୍ଥାପନ କରାଯାଇ ଯଜ୍ଞ କରାଯାଇଥିଲା। ନ୍ଦିର କମିଟି ସଦସ୍ୟ ବୃନ୍ଦ ସନ୍ତୋଷ ରାଉତ , ଶ୍ରୀନିବାସ ବେହୁରିଆ, ବିଜୟ ଦଳେଇ, ଲମ୍ବୋଦର ରାଉତ , ପ୍ରଭୁପଦ ମିଶ୍ର, ବିଶ୍ୱନାଥ ତ୍ରିପାଠୀ, ଶିବ ଖେମୁଣ୍ଡୁ, ପପୁ ଲେଙ୍କା, ହିମାଂଶୁ ମହାଲିକ, ଲୁଫୁନ ରାଉତ, ମନୋରଞ୍ଜନ ପରିଡ଼ା ଉପସ୍ଥିତ ରହି ପରିଚାଳନା କରିଥିଲେ। ନାମ ଯଜ୍ଞର ମୁଖ୍ୟ ପୂଜକ ଭାବରେ ପଣ୍ଡିତ ଦୁର୍ଗା ମାଧବ ଆଚାର୍ଯ୍ୟ, ସୁଧୀର କର, ଶ୍ରୀନିବାସ ଦାଶ ଉପସ୍ଥିତ ରହିଥିଲେ।

## ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା

ଲକ୍ଷ୍ମୀପୁର,୨୮।୧(ସମିସ): କୋରାପୁଟ ଜିଲ୍ଲା ସ୍ଥାନୀୟ ଲକ୍ଷ୍ମୀପୁର ସ୍ଥିତ ଶାଙ୍ଗାନା ଉଚ୍ଚ ବିଦ୍ୟାଳୟରେ ବୁଧବାର ଦିନ ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି ପରୀକ୍ଷା ସକାଳ ହୋଇଥିଲା। ଏହା ସକାଳ ୧୦ ଟାରୁ ମଧ୍ୟାହ୍ନ ୧ ଟା ପର୍ଯ୍ୟନ୍ତ ଚାଲିଥିଲା। ଉକ୍ତ ମେଧା ବୃତ୍ତି ପରୀକ୍ଷା ରେ ଲକ୍ଷ୍ମୀପୁର ବ୍ଲକ୍ ର ବିଭିନ୍ନ ବିଦ୍ୟାଳୟ ରୁ ଷଷ୍ଠ ଶ୍ରେଣୀ ପାଇଁ ୩୫ ଜଣ ଓ ନବମ ଶ୍ରେଣୀ ପାଇଁ ୧୧୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଷଷ୍ଠ ଶ୍ରେଣୀର ସମସ୍ତ ପରୀକ୍ଷାର୍ଥୀ ଓ ନବମ ଶ୍ରେଣୀର ୧୦୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କୌଣସି କାରଣରୁ ୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିଲେ। ଉକ୍ତ ପରୀକ୍ଷା ରେ ଅଧୀକ୍ଷକ ଭାବେ ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳ, ଉପ ଅଧିକ୍ଷକ ଭାବେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ନିୟୋଜିତ ହୋଇ ଥିବା ବେଳେ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଦନ ମୁଦୁଲି ଉପସ୍ଥିତ ଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ଟାକ୍ରି କେନ୍ଦ୍ର ପରିଦର୍ଶନ କରି ଥିବା ବେଳେ ନୀରିକ୍ଷକ ଭାବେ ଶିକ୍ଷକ ରାଜେଶ୍ୱରି ଲବଲା, ସଙ୍କର ଗୁଡ଼ୁମ୍ବାକା, ସୁକାନ୍ତ କୁମାର ଯାଦବ, ଆଶୀର୍ବାଦ ନାୟକ,କସ୍ତୁରୀ ଶବର, ଅଶେଷ କାରଜି ଓ ସୋନାଲି ବାହଲା ପ୍ରମୁଖ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ। ସୁରଜ ନାୟକ ଓ ସଂଯୁକ୍ତା ତୁରୁକ୍ ପରୀକ୍ଷା ପରିଚାଳନା ରେ ସହଯୋଗ କରି ଥିଲେ। ଷଷ୍ଠ ଶ୍ରେଣୀ ପାଇଁ ଷ୍ଟେଜ-୧ ଓ ନବମ ଶ୍ରେଣୀ ପାଇଁ ଷ୍ଟେଜ-୨ ପରୀକ୍ଷା ହୋଇ ଥିବା ବେଳେ ସ୍ଥାନୀୟ ପୁଲିସକୁ ମଧ ପରୀକ୍ଷାରେ ମୁତୟନ କରାଯାଇ ଥିଲା।

## ବାଲିଆ ଆଶ୍ରମ ସ୍କୁଲ ନିଖୋଜ ଛାତ୍ର ସୁନାବେଡ଼ାରେ ଠାବ

ଜୟପୁର,୨୮ ।୧(ସମିସ): ଜୟପୁର ସଦରଥାନା ବାଲିଆ ଆଶ୍ରମ ବିଦ୍ୟାଳୟର ଦୁଇଜଣ ଛାତ୍ର ନିଖୋଜ ହୋଇଥିବା ନେଇ ପୁଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରାଯାଇ ଉଭୟ ଛାତ୍ରଙ୍କୁ ଆଜି ପୁଲିସ ସୁନାବେଡା ଠାରେ ଠାବ କରିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଆଜି ବିଦ୍ୟାଳୟ ପକ୍ଷରୁ ଅଷ୍ଟମ ଶ୍ରେଣୀର ୧୩ ବର୍ଷ ବୟସ୍କ ଦୁଇଜଣ ଛାତ୍ର ଆଶ୍ରମ ବିଦ୍ୟାଳୟର ହୋଷ୍ଟେଲରୁ ନିଖୋଜ ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ପରେ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଉଭୟଙ୍କ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇ ଉଭୟ ଛାତ୍ରଙ୍କ ଫୋଟକୁ ନେଇ ଜିଲ୍ଲାର ସମସ୍ତ ଥାନାକୁ ପ୍ରେରଣ କରିଥିଲେ। ଫଳରେ ଆଜି ସନ୍ଧ୍ୟାରେ ସୁନେବାଡା ଥାନା ପୁଲିସ ଦୁଇଜଣ ଛାତ୍ରଙ୍କୁ ଠାବ କରିଥିବା ନେଇ ସଦରଥାନା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ଉଭୟଙ୍କ ଛାତ୍ରଙ୍କୁ ଜୟପୁର ଆଣିବାର ବ୍ୟବସ୍ଥା କରାଯାଇଥିବା ବେଳେ କେଉଁ କାରଣରୁ ୨ ଛାତ୍ର ଆଶ୍ରମ ବିଦ୍ୟାଳୟ ଫେରାର ହୋଇଥିଲେ ସେମାନଙ୍କୁ ପଚରା ଉଚରା ପରେ ଜଣା ପଡିବ ବୋଲି ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

## ଦାଦନ ଖଟିବାକୁ ଯାଇଥିବା ଯୁବକ ନିଖୋଜ

**ପରିବାର ଲୋକେ ଥାନାର ଦ୍ୱାରସ୍ଥ**

ନନ୍ଦପୁର,୨୮।୧(ସମିସ): ଜୀବିକା ନିର୍ବାହ ପାଇ ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦ ସହରକୁ ଦାଦନ ଖଟିବାକୁ ଯାଇଥିବା ପୁଅ ସହ ଯୋଗାଯୋଗ ହୋଇ ପାରୁନି। ଗତ ଡ଼ିସେମ୍ବର ମାସ ୨୫ ତାରିଖରୁ ପୁଅ ମୋବାଇଲ ସୁଇଜ୍ ଅଫ୍ ରହିଛି। ତେଣୁ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ଶେଷରେ ବୁଧବାର ପୁଅର ପିତା ନନ୍ଦପୁର ଥାନାରେ ଦ୍ୱାରସ୍ଥ ହୋଇ ପୁଅକୁ ଯୋଗାଯୋଗ ନିମନ୍ତେ ଆଇନର ସହଯୋଗ କାମନା କରିଛନ୍ତି। ସୂଚନା ଅନୁଯାୟୀ, ନନ୍ଦପୁର ଥାନା ଅଧୀନସ୍ଥ ଦେବ ଗନ୍ଧଣା ଗ୍ରାମର ଜୟ ପ୍ରକାଶ ଖରା ଜୀବିକା ନିମନ୍ତେ ହାଇଦ୍ରାବାଦ ସହରକୁ ଯାଇଥିଲେ। ପ୍ରତି ଦିନେ ଦୁଇ ଦିନକୁ ଥରେ ଫୋନ୍ ମାଧ୍ୟମ ରେ ସେ ଭଲ ମନ୍ଦ କଥା ମଧ ହେଉଥିଲେ । ହେଲେ ଗତ ଡିସେମ୍ବର ୨୫ ତାରିଖରୁ ପୁଅ ଫୋନ୍ ଲାଗୁନାହିଁ । ସେପଟେ ପୁଅ ସହିତ ଯାଉଥିବା ସାଙ୍ଗ ପିଲାଙ୍କୁ ଯୋଗାଯୋଗ କରିଥିଲେ ମଧ ଜୟ ପ୍ରକାଶଙ୍କ ବିଷୟରେ କିଛି ସୂଚନା ମିଳି ପାରୁନାହିଁ ନାହିଁ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଜୟପୁର, ୨୮ ।୧,(ସମିସ): ଜୟପୁର ସହରର ଶାରଦାବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର।ର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ସମ୍ମାନୀୟ ଅତିଥି ଭାବେ ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ମୁଖ୍ୟ ବକ୍ତା ଭାବେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସହମନ୍ତ୍ରୀ ଗାୟତ୍ରୀ ବାହିନୀପତି ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ପ୍ରାଧ୍ୟାପକ ଡ. ମନୋରଞ୍ଜନ ପ୍ରଧାନ,ବିଦ୍ୟୁତ ବିଭାଗର ଡିଜିଏମ ମନ୍ମଥନାଥ ମିଶ୍ର , ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଉପସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ବିଜୟ କୁମାର ଭଙ୍ଗ, ଯୁଗ୍ମ ସଂପାଦକ ତପନ କିରଣ ତ୍ରିପାଠୀ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରୁ ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଏବଂ ଦୀପ ପ୍ରଜ୍ଜଳନରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସତ୍ୟନାରାୟଣ ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପଠାଣି ସାମନ୍ତ ବୃତ୍ତି ପରୀକ୍ଷାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନୀତ କରାଯାଇଥିଲା।



**ରାୟଗଡ଼ାରେ ଜଣ୍ଡିସ ଆଶଙ୍କା**

# ପାଣି ନମୁନା ସଂଗ୍ରହ କଲା ସ୍ୱାସ୍ଥ୍ୟ ବିଭାଗ



ରାୟଗଡ଼ା,୨୮।୧(ସମିସ): ରାୟଗଡା ସହରରେ ଜଣ୍ଡିସ ଆଶଙ୍କା କରାଯାଇଛି। ସହରର ଇନ୍ଦିରା ନଗର ଶେଷ ଲାଇନ, କସ୍ତୁରୀ ନଗର ପ୍ରମଥ ଲାଇନ ଏବଂ କତୁରୁ ଗ୍ରାମରେ ଜଣ୍ଡିସରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଚଳିତ ମାସରେ ୧୦ରୁ ୧୨ ଜଣ ଲୋକ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିବା ସୂଚନାରୁ ଜଣାପଡିଛି। ଏନେଇ ସହରାଞ୍ଚଳ ଚକିତ୍ସାଳୟକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ସେମାନଙ୍କୁ ଭାଇରାଲ ଜ୍ୱର ହୋଇଥିବା ନେଇ ଡାକ୍ତର ସୂଚନା ଦେଇଥିଲେ। କିନ୍ତୁ ପରବର୍ତ୍ତି ସମୟରେ କିଛି ବ୍ୟକ୍ତିଙ୍କ ଆଖି ହଳଦିଆ ହେବା ସହ ଜଣ୍ଡିସର ଅନ୍ୟାନ୍ୟ ଲକ୍ଷଣ ଦେଖାଯିବାରୁ ବେସରକାରୀ ଭାବେ ଡାକ୍ତରଙ୍କୁ ଦେଖାଇଥିଲେ। ବେସରକାରୀ ଭାବେ ଡାକ୍ତର ପାଖକୁ ଯାଇ ଚିକିତ୍ସା ପରେ ଜଣ୍ଡିସ ହୋଇଥିବା ଜଣାପଡିଥିଲା ଏବଂ ଚିକିତ୍ସା ଆରମ୍ଭ କରିଥିଲେ। ସୂଚନାରୁ ଜଣାପଡିଛି ସେହି ଅଞ୍ଚଳର ଶ୍ରଦ୍ଧା ଶତପଥି (୧୯), ଦେବଜାନୀ ଗୌଡ଼ (୧୭), ପ୍ରେମ ସାଗର (୧୧), ମୁକସିତ (୧୦) ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। କିଛି ଲୋକ ଚେରମୂଳୀ ଔଷଧ ଉପରେ ଭରସା କରି ଔଷଧ ଖାଇଥିବା ଜଣାପଡିଛି। ସାହି ବାସିନ୍ଦା ପ୍ରକାଶ କରି କହିଛନ୍ତି ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନଳ ଯୋଗେ ଜଳ ପ୍ରଦାନ କରାଯାଉଥିବା ପାଣି କିଛି ମାସ ହେଲା ଗୋଳିଆ ଆସୁଛି ଏବଂ ସେଠାକାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ରହିଛି। ଜଣ୍ଡିସ ବ୍ୟାପିବା ନେଇ ଆଜି ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ପହଞ୍ଚିଲା ପରେ ସିଡିଏମଓ ଡି. ସରୋଜିନୀ ଦେବୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡିପିଏଚଓ) ରୁମା ମହାପାତ୍ର, ଡାକ୍ତର ଶ୍ରୀନିବାସ ସାହୁ, ଡାକ୍ତର ସଂଗ୍ରାମ କେଶରୀ ନିମାଲଙ୍କ ନେତୃତ୍ୱରେ ଅପରାହ୍ନରେ ଅଭିଯୋଗ ଆସିଥିବା ଅଞ୍ଚଳକୁ ସ୍ୱାସ୍ଥ୍ୟ ବିଭାଗର ଟିମ ସହ ଗସ୍ତ କରିଥିଲେ। ଡାକ୍ତରୀ ଟିମ ଘରକୁ ଘର ଯାଇ ତଥ୍ୟ ସଂଗ୍ରହ କରିବା ସହ ଆକ୍ରାନ୍ତ ଘରେ ବ୍ୟବହାର କରୁଥିବା ପାଣିର ନମୁନାକୁ ସଂଗ୍ରହ କରିଥିଲେ। ଡିପିଏଚଓ ଶ୍ରୀ ମହାପାତ୍ର ସୂଚନା ପ୍ରଦାନ କରି କହିଛନ୍ତି ପାଣିର ପରୀକ୍ଷା ପରେ ଜଣ୍ଡିସ ସମ୍ପର୍କରେ ସୂଚନା ମିଳିବ । ହୋଟେଲ ଏବଂ ବାହାର ଖାଦ୍ୟରୁ ମଧ ଜଣ୍ଡିସ ହୋଇଥିବା ଆଶଙ୍କାକୁ ଏଡାଇ ଦିଆନଯାଇପାରେ ବୋଲି ସୂଚନା ଦେଇଛନ୍ତି। ତେବେ ଏ ନେଇ ସହରବାସୀ କୌଣସି ପ୍ରକାର ଭୟଭୀତ ନ ହେବା ପାଇଁ ମଧ ଅବଗତ କରାଯାଇଛି।

## ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ



ମାଲକାନଗିରି, ୨୮ ।୧ (ସମିସ): ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲାସ୍ତରୀୟ ସାଧାରଣ ପରିଷଦ ବୈଠକ ଚିତ୍ରକୋଣ୍ଡା ବ୍ଲକସ୍ଥିତ ଇକୋ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଶୋକ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ସ୍ଥାନୀୟ ସମିତି ସଭ୍ୟ ରାଜ କମଲ ପୁରୋହିତ, ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ସଙ୍ଘ ଜିଲ୍ଲା ସମ୍ପାଦକ ବି ଶ୍ରୀନିବାସ ପାତ୍ର, ଉପ ସଭାପତି ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ଚିତ୍ରକୋଣ୍ଡା ବ୍ଲକ ଶାଖା ସଭାପତି ଶିବ ଖରା, ପୋଲିସ ଅଧିକାରୀ ଲିମାଇ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଶ୍ରୀ ପୁରୋହିତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଭୂମିକାକୁ ବେଶ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ସୁଶ୍ରୀ ଗାୟତ୍ରୀ ଦେବୀ ସାମ୍ବାଦିକମାନଙ୍କ ଉଦ୍ଦେଶ୍ୟରେ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ବିଧାୟକ ଶ୍ରୀ ଖିଲ ସାମ୍ବାଦିକ ମାନଙ୍କୁ ଜିଲ୍ଲା ବିକାଶର ସାରଥୀ ବୋଲି କହିବା ସହ ସେମାନଙ୍କ ଦାବି ସମ୍ପର୍କରେ ବିଧାନସଭାରେ ସ୍ୱର ଉତ୍ତୋଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଚିତ୍ରକୋଣ୍ଡା ବ୍ଲକ ସଙ୍ଘ ଗୃହ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୮ ଜଣ ସାମ୍ବାଦିକ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ଆଗାମୀ ଦିନରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସମାନ ରୂପକ କାର୍ଯ୍ୟକ୍ରମ ସହ ରାଜ୍ୟ ସ୍ତରୀୟ କାର୍ଯ୍ୟକରିଣୀ ବୈଠକ ନିମନ୍ତେ ଆଲୋଚନା କରାଯାଇଥିବା ସଭାପତି ଶ୍ରୀ ମିଶ୍ର କହିଥିଲେ। ଶେଷରେ ସଙ୍ଘ ସମ୍ପାଦକ ଶ୍ରୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରାତନ ଛାତ୍ରଙ୍କ ସମାବେଶ

ସେମିଳିଗୁଡ଼ା, ୨୮।୧ (ସମିସ): ଦୁଇ ଦଶକ ପରେ ସେମିଳିଗୁଡା ବ୍ଲକର ଡୋଲିଆମ୍ବ ଟିଏମଏ ହାଇସ୍କୁଲର ୨୦୦୬ ମସିହା ବ୍ଲାଚ୍‌ର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସମାବେଶ ହେଇଯାଇଛି। ଏହି ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସି ତଳମାଳି ପର୍ବତ ଶିଖରରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରି ସମସ୍ତେ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇଛନ୍ତି। ସଭାର ସଭାପତି ଆଶିଷ ଭାଲୁ ଭାଷଣ ଦେଇଥିଲେ ଏବଂ ସଭା ପରିଚାଳନା କରିଥିଲେ ସାଥି ବୁଡୁ ପାଙ୍ଗୀ। ଶେଫାଳି ଗରଡା, ରୁପି ସାଉନ୍ତା, ସାବିତ୍ରୀ ଜାନି, ହିରୋଜ ଖୋସଲା, ଜୟଦେବ ଦିଶାରୀ, ଧନ ଖରା, ସପନ ଖରା, ସୁଭାଷ ଖୋସଲା, ବାଳେଶ ହନ୍ତାଳ, ମହେଶ ହନ୍ତାଳ, ଅଜୟ ବାଘ, ମହେଶ୍ୱର ହନ୍ତାଳ, ନରସିଂହ ସିସା, ବୁଦୁ ଦଲେଇ ଏବଂ ଅନ୍ୟ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଦ୍ୟମାନ ଥିଲେ। ସମସ୍ତେ ସରକାରୀ ଏବଂ ବେସରକାରୀ ସ୍ତରରେ ସଫଳତା ହାସଲ କରିଛନ୍ତି ଏବଂ ସମସ୍ତେ ସୁସ୍ଥ ଓ ସୁଖି ଅଛନ୍ତି ବୋଲି ଜଣାଇଛନ୍ତି। ହିରୋଜ ସଭାର ସମାପ୍ତି ଘୋଷଣା କରିଥିଲେ।

## ରାୟଗଡ଼ା ଜିଲ୍ଲାରେ ଓଡ଼ିଶା ବନ୍ଦ

ରାୟଗଡ଼ା,୨୮।୧(ସମିସ): ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଅପରାଗତାକୁ ଟାର୍ଗେଟ କରି ବୁଧବାର ଦିନ ନବ ନିର୍ମାଣ କୃଷକ ସଂଗଠନ ଦ୍ୱାରା ଡକାଯାଇଥିବା ଓଡିଶା ବନ୍ଦ ଡାକରା ରାୟଗଡା ଜିଲ୍ଲାରେ ପ୍ରଭାବ ଶୂନ୍ୟ ହୋଇଥିବା ଦେଖିବାକୁ ମିଳିଛି। ଦୋକାନ ବଜାର, ସ୍କୁଲ, ସରକାରୀ, ବେସରକାରୀ କାର୍ଯ୍ୟାଳୟ ସହ ଗାଡି ଚଳାଚଳ ସ୍ୱାଭିବିକ ରହିଥିଲା। ରାୟଗଡା ଜିଲ୍ଲାରେ ନବ ନିର୍ମାଣ କୃଷକ ସଂଗଠନର ନେତୃତ୍ୱ ନେବା ପାଇଁ ନେତା ନ ଥିବା ଯୋଗୁଁ ବନ୍ଦ ପ୍ରଭାବ ଶୂନ୍ୟ ହୋଇଥିବା ଜଣାପଡିଛି। ବନ୍ଦକୁ ସହଯୋଗ କରିବା ପାଇଁ କଂଗ୍ରେସ ବିଧାୟକ ଏବଂ ନେତା ମାନଙ୍କୁ ଚିଠି ଆସିଥିଲେ ମଧ କୃଷକ ସଂଗଠନର ନେତା ନଥିବାରୁ ଆମେ କାହାକୁ ସମର୍ଥନ କରିବୁ ବୋଲି ପ୍ରତିକ୍ରିୟା ରଖିଥିଲେ। ରାୟଗଡା ଜିଲ୍ଲାର ୩ଟି ନିର୍ବାଚନ ମଣ୍ଡଳିରେ ବନ୍ଦ ପାଳନ ହୋଇନଥିଲା।

ଏହି ବନ୍ଦକୁ କଂଗ୍ରେସ ସମର୍ଥନ କରିବ ବୋଲି କହିଥିବା ବେଳେ ସିପିଆଇ(ଏମ) ଓ ବିଭିନ୍ନ ସାମାଜିକ ସଂଗଠନ ଏହାକୁ ସମର୍ଥନ କରିବେ ବୋଲି ମଧ କହିଥିଲେ। କିନ୍ତୁ ରାୟଗଡା ଜିଲ୍ଲାରେ ବ୍ୟବସାୟିକ ପ୍ରତିଷ୍ଠାନ, ବସ ଚଳାଚଳ, ବ୍ୟାଙ୍କ, ବିଦ୍ୟାଳୟ, କଲେଜ ଖୋଲା ରହିଥିବା ଦେଖିବାକୁ ମିଳିଥିଲା।

## ଗୁଡ଼ାରିରେ କୃଷକ ସଂଗଠନର ଆନ୍ଦୋଳନ

ଗୁଡାରି,୨୮।୧ (ସମସ): ରାଜ୍ୟରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଏହି ଆନ୍ଦୋଳନ ଗୁଡାରି ଅଞ୍ଚଳରେ କୌଣସି ପ୍ରଭାବ ପକାଇ ନଥିଲା। ସବୁଦିନ ଭଳି ରାସ୍ତାରେ ଗାଡି ଚଳାଚଳ, ଦୋକାନ ବଜାର ସ୍ୱାଭାବିକ ରହିଥିଲା। ଦୋକାନ ବଜାର,ବ୍ୟାଙ୍କ ସେବା, ସ୍କୁଲ, କଲେଜ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଆଦି ଖୋଲା ରହିଥିଲା। କଂଗ୍ରେସ ଦଳର ନିର୍ବାଚିତ ପ୍ରତିନିଧି ଥିଲେ ମଧ ଏଠାରେ ଦଳର କୌଣସି କର୍ମୀ ବନ୍ଦରେ ସହଯୋଗ କରିନାହାନ୍ତି। ସରକାରୀ ଲକ୍ଷ୍ମୀବସ ସମସ୍ତ ପଞ୍ଚାୟତକୁ ଯାତାୟାତ କରୁଥିଲା। ଘରୋଇ ବସ୍ ପକ୍ଷରୁ ଗାଡି ଚଳାଚଳ କୁରୁଥିବା ଦେଖିବାକୁ ମିଳିଛି।

## ରେଳଧାରଣାରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରାୟଗଡ଼ା,୨୮।୧(ସମିସ): ରାୟଗଡ଼ା-କୋରାପୁଟ (କେଆର) ରେଳ ସେକ୍ସନର କେଉଟଗୁଡା-ଶିକରପାଇ ରେଳ ଷ୍ଟେସନ ମଧ୍ୟରେ ଥିବା କିଲୋମିଟର ୧୩୯/୧୦ ରୁ ୧୩୯/୧୧ ରେଳ ଧାରଣାରେ ଉପରେ ଜଣେ ଅଜଣା ବ୍ୟକ୍ତିଙ୍କ ରକ୍ତାକ୍ତ କ୍ଷତବିକ୍ଷତ ଶବକୁ ଉଦ୍ଧାର କରିଛି ରାୟଗଡା ସରକାରୀ ରେଳବାଇ ପୋଲିସ। ଅଜଣା ବ୍ୟକ୍ତିଙ୍କ ନିକଟରୁ କୌଣସି ପରିଚୟ ପତ୍ର ମିଳି ପାରି ନ ଥିବାରୁ ପୋଲିସ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ସହ ପରିଚୟ ନ ମିଳିବା ଯାଏଁ ସରକାରୀ ନିୟମ ପ୍ରକାରେ ୯୬ ଘଣ୍ଟା ପର୍ଯ୍ୟନ୍ତ ଶବକୁ ସଂରକ୍ଷିତ ରଖାଯିବା ପରେ ଅନ୍ତିମ ସଂସ୍କାର କରାଯିବ ବୋଲି ଜିଆରପି ପୋଲିସ ପକ୍ଷରୁ ସୂଚନା ମିଳିଛି। କୌଣସି ଅଜଣା ଟ୍ରେନରେ ଧକ୍କା ହୋଇ ମୃତ୍ୟୁବରଣ ଥିବା ନେଇ ପୋଲିସ ଅନୁମାନ କରିଛି। ରାୟଗଡ଼ା ଜିଆରପି ଥାନା ଅଧିକାରୀ ବିନୟ ପ୍ରକାଶ ମିଂଜଙ୍କ ନେତୃତ୍ୱରେ ଏଏସଆଇ ସାଗରିକା ପ୍ରଧାନ, ମାଣିକ ଚନ୍ଦ୍ର ଗୌଡ, ହାବିଲଦାର ପ୍ରଦୀପ କୁମାର ନାୟକ ଘଟଣାସ୍ଥଳରେ ତଦନ୍ତ କରିଥିବା ବେଳେ ଏ ନେଇ ରାୟଗଡ଼ା ଜିଆରପି ଥାନା କେସ ନମ୍ବର ୦୧/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣା, ଜଣେ ମୃତ, ବହୁ ଆହତ

ମାଲକାନଗିରି, ୨୮ ।୧(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ଗୋଟିଏ ଦିନରେ ବିଭିନ୍ନ ସ୍ଥାନରେ ସଡକ ଦୁର୍ଘଟଣା ଘଟି ଏକାଧିକ ଆହତ ହୋଇଥିବା ବେଳେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ଜିଲ୍ଲାର ମାଲକାନଗିରି ସଦର ଥାନା ଅନ୍ତର୍ଗତ ଏମଭି-୪୨ ଗ୍ରାମର ବିଶୁ ଦାସଙ୍କ ଘରେ ଏକ କାର ଭାରସାମ୍ୟ ହରାଇ ପଶିଯାଇ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ କାର ଡ୍ରାଇଭର ଆହତ ହୋଇଥିବା ବେଳେ ଘରର କିଛି ଅଂଶର କ୍ଷତି ଘଟିଛି। ସେହିପରି ମାଲକାନଗିରି ଥାନା ଅନ୍ତର୍ଗତ ପାଣ୍ଡ୍ରିପାଣି ଠାରେ ଏକ କାର ଓ ମୋଟର ସାଇକେଲ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ୫ ବର୍ଷୀୟା ନାବାଳିକାର ମୃତ୍ୟୁ ଘଟିଛି। ମୃତ ନାବାଳିକାର ନାମ ଶିବାନୀ ପଡିଆମି ହୋଇଥିବା ବେଳେ ତାଙ୍କ ପିତା ବୁଦୁରା ପଡିଆମି ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଅପର ପକ୍ଷରେ ମାଲକାନଗିରି ଥାନ ଅନ୍ତର୍ଗତ ଚାଲାଣଗୁଡା ଠାରେ ଏକ କାର ଗଛରେ ପିଟି ହେବା ଫଳରେ କାର ଚାଳକ ଓ ଅନ୍ୟ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ମାଲକାନଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଆହତ

ମାଲକାନଗିରି,୨୮ ।୧(ସମିସ): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଏମ୍.ଭି. ୭ ଗ୍ରାମ ନିକଟରେ ଏକ ଟ୍ରକ୍ ଦୁର୍ଘଟଣାଗସ୍ତ ହେବା ସହ ଟ୍ରକ ଚାଳକ ଆହତ ହୋଇଛି। ଗତକାଲି ରାତିରେ ମାଲାକନଗିରି ପଟୁ ମୋଟୁ ଆଡକୁ ଯାଉଥିବା ଏକ ଲୁହା ରଡ ବୋଝେଇ ଟ୍ରକ ଏମ୍.ଭି. ୭ ଗ୍ରାମ ନିକଟରେ ଏକ ବୁଲାଣି ପାଖରେ ପହଞ୍ଚିବା ପରେ ସମ୍ମୁଖରେ ଏକ ମୋଟର ସାଇକଲ୍ ହଠାତ ପଳାଇ ଆସିଥିଲ।। ଉକ୍ତ ମୋଟର ସାଇକେଲକୁ ବଞ୍ଚାଇବା ଉଦ୍ଦେଶ୍ୟରେ ଟ୍ରକଟି ଭାରସାମ୍ୟ ହରାଇ ପାଶ୍ୱର୍କୁ ବୁଲାଇ ଦେଇଥିବା ବେଳେ ଟ୍ରକଟି ରାସ୍ତା ପାଶ୍ୱର୍ରେ ଓଲଟି ପଡିଥିଲା। ଫଳରେ ଟ୍ରକ ଚାଳକ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଚାଳକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଇଛନ୍ତି। ମାଲକାନଗିରି ପୋଲିସ ଘଟଣା ସମ୍ପର୍କରେ ସୂଚନା ପାଇ ଘଟଣା ସ୍ଥଳକୁ ଯାଇ ଏହାର ତଦନ୍ତ ଜାରି ରଖିଛନ୍ତି।

## ମହିଳା ଭାର ଉତ୍ତୋଳନ ସିଟି ଲିଗ୍ ଉଦ୍‌ଯାପିତ






ରାୟଗଡ଼ା,୨୮।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ମହକୁମାର ଆମ୍ବାଗୁଡା ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ (ଏମପିଆଇଏସ) ଠାରେ ୨୬ ଓ ୨୭ ଜାନୁଆରୀ ଦୁଇ ଦିନ ଧରି ଭାରତ ସରକାରଙ୍କ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ଙ୍କ ପ୍ରୟୋଜିତରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାର ଉତୋଳନ ସିଟି ଲିଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାୟଗଡ଼ା, ଗୁଣପୁର ସହରାଞ୍ଚଳ ସମେତ ଜିଲ୍ଲାର ଅନ୍ୟାନ୍ୟ ସହରାଞ୍ଚଳରୁ ପ୍ରାୟ ୭୦ଜଣ ଛାତ୍ରୀ ଏବଂ ସ୍ଥାନୀୟ ଖେଳାଳୀମାନେ ଅଂଶଗ୍ରହଣ କରିଥିଲେ। ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ସେଞ୍ଚୁରିଆନ ପବ୍ଲିକ ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରାୟଗଡ଼ାଓ ଗୁଣପୁର ସମେତ ଅନ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ମହିଳା ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ ।ଏହି ପ୍ରତିଯୋଗିତାଗୁଡିକୁ ଓଡିଶା ଭାର ଉତୋଳନ ସଂଘର ସଂପାଦକ ଗୋପାଳକୃଷ୍ଣ ଦାସ ପରିଚାଳନା କରିଥିବା ବେଳେ ରାୟଗଡା ଜିଲ୍ଲା ଭାର ଉତୋଳନ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାକୁ ରାୟଗଡ଼ା ସହରର ସହିଦ ଲକ୍ଷ୍ମଣ ନାୟକ କ୍ରୀଡା ଏବଂ ସାଂସ୍କୃତିକ ସଂଘ ସହଯୋଗ କରି ପ୍ରତିଯୋଗିତାକୁ ସଫଳ କରାଇଥିଲେ। ସ୍ଥାନୀୟ ବିଧାୟକ କାଡ୍ରକା ଆପଲାସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଟି ଲିଗ୍ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଶିଷ୍ଟ ଅତିଥି ଭାବେ ଓଲିମ୍ପିଆନ ଅର୍ଜୁନ ଆୱାର୍ଡୀ ପୁଲିସ ବିଭାଗର ଡିଏସପି କେ.ରବିକୁମାର ଯୋଗ ଦେଇ ଭାର ଉତୋଳନରେ ମହିଳା ଖେଳାଳୀଙ୍କ ସଂପୃକ୍ତିକୁ ନେଇ ଯୁବତୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଆଲୋକପାତ କରାଇଥିଲେ।

ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଭାର ଉତ୍ତୋଳନ ସଂପାଦକ ତଥା ସହିଦ ଲକ୍ଷ୍ମଣ ନାୟକ କ୍ରୀଡା ଏବଂ ସାଂସ୍କୃତିକ ସଂଘର ସଭାପତି ଦୋରା କୋଣ୍ଡାଗରୀ ସଫଳ କରାଇଥିଲେ। ଆର୍ନ୍ତଜାତୀୟସ୍ତରୀୟ ଭାର ଉତୋଳନକାରୀ ରବି ନାରାୟଣ ନାୟକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

## ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପିତ

ଗୁଣପୁର,୨୮।୧(ସମିସ): ରାଜ୍ୟ ସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି।। ଆଜି ଶେଷ ରଜନୀରେ ମା ତୋର ସାହାରା ମେଲୋଡି ଗୃପ୍‌ର ଆକାଶ ପଟ୍ଟନାୟକ ଓ ସାଥିଙ୍କ ସମ୍ବଲପୁରୀ ସଙ୍ଗୀତରେ ଝୁମିଥିଲେ ଦର୍ଶକ। ଆଜିର ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କୋରାପୁଟ ବିଧାୟକ ରଘୁରାମ ମାଛ। ମଞ୍ଚରେ ଅଲମ୍ପିଆଡ୍ ଦୁତି ଚାନ୍ଦ ଥିଲେ ମୁଖ୍ୟ ଆକର୍ଷଣ। ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ, ବିଡିଓ ସ୍ୱସ୍ତିକ ଜମାଦାରଙ୍କ ସମେତ ସିନେମା ନିର୍ଦ୍ଦେକ ତଥା ବିଜେପି ଜିଲ୍ଲା ସଭାପତି ଗୋପୀ ଆନନ୍ଦ, ଗୁଣପୁର ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଗୁଡାରି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଶ୍ୱନାଥ ଶବର ଉପସ୍ଥିତ ଥିଲେ। କାର୍ଯ୍ୟକାରୀ ସଭାପତି ରମେଶ ଲିମା ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଉମା ଦାସ ଅତିଥି ନିମନ୍ତ୍ରଣ ଓ ସର୍ଦାର ବଲ୍ଲଭ ଭାଇ ପଟେଲ ଶ୍ରଦ୍ଧାଞ୍ଜଳି ମଣ୍ଡପର ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟତମ କାର୍ଯ୍ୟକାରୀ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ କୈଳାସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ନବ ନିର୍ମାଣ ସମିତିର ସମ୍ପାଦକ ରଂଜିତ




ପାଢି କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜନଜାତି ପ୍ରତିନିଧି ମୋହନ ଶବର, କୌତମୀ ଶବର ଓ ଯୋଶଦା ଶବରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ବଳରାମ ପଣ୍ଡା ସ୍ମାରକୀ ଆନ୍ତରାଜ୍ୟ ବଂଶଧାରା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଫାଇନାଲ ଖେଳ ଶେଷ ହୋଥିଲା। ନବରଙ୍ଗପୁରର ବିଜେତା ଦଳକୁ ୩୫ ହଜାର ଓ ପାରଳାଖେମୁଣ୍ଡିର ରନର୍ସ୍ ଦଳକୁ ୨୫ ହଜାର ଟଙ୍କାର ଚେକ୍ ସହ ଟ୍ରଫି ପ୍ରଦାନ କରାଯାଇ ଥିଲା। ଅନ୍ୟ କୃତି ପ୍ରତିଯୋଗୀ ମାନଙ୍କୁ ମଧ ଆଜି ଏହି ମଞ୍ଚରେ ପୁରସ୍କାର ବିତରଣ କରା ଯାଇଥିଲା।

## ସରକାରୀ ଏସ୍‌ଏସ୍‌ଡି ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଇରପୁଟ, ୨୮ ।୧(ସମିସ): ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ସରକାରୀ ଏସ୍‌ଏସ୍‌ଡି ପିଏମ୍‌ଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟର ୫୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଶ୍ରୀ ମଙ୍ଗୁଖିଲ ବିଧାୟକ ଚିତ୍ରକୋଣ୍ଡା, ମୁଖ୍ୟବକ୍ତା ସୋମନାଥ ପ୍ରଧାନ ଏଡିଏମ ମାଲକାନଗିରି, ସମ୍ମାନିତ ଅତିଥି ସରପଞ୍ଚ ଶ୍ରୀନିବାସ ମୁଦୁଲି, ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଶନୀ, ଖଇରପୁଟ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସନ୍ତୋଷ ପଣ୍ଡା, ବରିଷ୍ଠ ସାମ୍ବାଦିକ କୈଳାଶ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁବନ୍ଧୁ ପୂଜାରୀ, ଖଇରପୁଟ ଏବିଇଓ ବୀରେନ୍ଦ୍ର ପ୍ରଧାନ କଦମଗୁଡା ସରପଞ୍ଚ ଶ ସୂର୍ଯ୍ୟନାରାୟଣ ଜିଗିଡି ଯୋଗଦେଇଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସଭାପତି ଆସନ ଅଳଙ୍କୃତ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ସିଦ୍ଧାର୍ଥ ରଥ, ଡାରଉଇନ କଲେଜର ଅଧକ୍ଷ, ବିଜୁପଟନାୟକ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ନବୀନ ନାୟକ, +ଦୁଇ ମହାବିଦ୍ୟାଳୟର ଅଧକ୍ଷ ସୁଜିତ ବୋଷ ଉପସ୍ଥିତ ଥିଲେ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଅଶୋକ ସ୍ୱର୍ଣ୍ଣକାର ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସାମ୍ବାଦିକ କୈଳାଶ ଚନ୍ଦ୍ର ସାହୁ ବିଦ୍ୟାଳୟକୁ ଏକ ଏଜୁକେଶନାଲ ହବ ରୂପେ ମାଲକାନଗିରି ଜିଲ୍ଲାରେ ସ୍ଥାପିତ କରିବା ପାଇଁ ଅତିଥି ମାନଙ୍କୁ ଅନୁରୋଧ କରିଥିଲେ ।ସାଂସଦ ପ୍ରତିନିଧି ସିଦ୍ଧାର୍ଥ ରଥ ଛାତ୍ର ଛାତ୍ରୀଙ୍କୁ ଫଳାଫଳରେ ରେକର୍ଡ ଭାଙ୍ଗିଲେ ୨୦୦୦୦ ଟଙ୍କା ପୁରସ୍କାର ଦେବେ ବୋଲି ଘୋଷଣା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

**ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଭାଷା ସଂପାନ**

## ‘ଭାଷା ହେଉଛି ମଣିଷର ଜୀବନୀ ଶକ୍ତି’

ରାୟଗଡ଼ା,୨୮।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଅମ୍ଳଭଟ୍ଟା ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡ଼ାର ଓଡ଼ିଆ ବିଭାଗରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଭାଷା ସଂପାନ ଆୟୋଜିତ ହୋଇଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧିରେ ଓଡ଼ିଆ ପତ୍ର ପତ୍ରିକାର ଭୂମିକା’ ଶୀର୍ଷକ ଆଲୋଚନାଚକ୍ରରେ ଅଧକ୍ଷା ଡକ୍ଟର ଶ୍ୟାମା ମହାପାତ୍ରଙ୍କ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱରର ବିତ୍ତ ତଥା ପ୍ରଶାସନିକ ଅଧିକାରୀ ଡକ୍ଟର ସିଦ୍ଧାର୍ଥ ପାଢ଼ୀ ଯୋଗ ଦେଇଥିଲେ । ବିଶିଷ୍ଟ ବକ୍ତା ତଥା ଆଲୋଚକ ଭାବେ ‘ପଞ୍ଚବଟୀ’ ପତ୍ରିକାର ସମ୍ପାଦକ ତଥା ଆଧୁନିକ କବି ସୁଶାନ୍ତ କୁମାର ନାୟକ ଏବଂ ସମାଜସେବୀ ତଥା ଗବେଷକ ଡାକ୍ତର ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ଭାଷା ହେଉଛି ମଣିଷର ଜୀବନୀ ଶକ୍ତି। ଭାଷା ମଣିଷର ପରିଚୟ ସୃଷ୍ଟି କରେ। ଓଡ଼ିଆ ଭାଷା ଓଡ଼ିଆ ଅସ୍ମିତାର ପ୍ରତୀକ। ଏହାର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ଦିଗରେ ଓଡ଼ିଆ ପତ୍ରପତ୍ରିକାର ପ୍ରମୁଖ ଭୂମିକା ରହିବା ସହିତ ଏହା କେବଳ ଆମ ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରୁନାହିଁ ବରଂ ଓଡ଼ିଆ ଜାତି ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସୁରେଶ କୁମାର ମାଝୀ ସଭା ଆୟୋଜନର ଆଭିମୁଖ୍ୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ଅଧ୍ୟାପକ ଶିବାନନ୍ଦ ବେଶ୍ରା ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ନାୟକ, ହିସାବରକ୍ଷକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡିଆ ବିଭାଗ ସମେତ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ ଅଧ୍ୟାପିକା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ। ଏହି ଅବସରରେ ପ୍ରବନ୍ଧ, ବିତର୍କ ଏବଂ ଶୁଦ୍ଧ ଶବ୍ଦ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଏବଂ ପ୍ରମାଣପତ୍ର ଅତିଥିଙ୍କ ଦ୍?ାରା ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ସୁଶ୍ରୀ କିରଣ ମଲ୍ଲିକ କୃତଜ୍ଞତା ଜ୍ଞାପନ କରିଥିଲେ।

## ଏସଏସଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାମନାଗୁଡ଼ା,୨୮ ।୧(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ଅନ୍ତର୍ଗତ ସରକାରୀ(ଏସଏସଡି) ଉଚ୍ଚ ବିଦ୍ୟାଳୟ, ଗଲୁଣ୍ଡି ଠାରେ ପଞ୍ଚମ ବାର୍ଷିକ ଉତ୍ସବ’ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି. ସୁରେଶ କୁମାର ଆହ୍ୱାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାମନାଗୁଡ଼ା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଜିଲ୍ଲା ଶିକ୍ଷା ମଣ୍ଡଳାଧିକ୍ଷ ଶ୍ୟାମଘନ ଭୂୟାଁ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଦୀପାରାଣୀ ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ଗଲୁଣ୍ଡି ସରପଞ୍ଚ ମାଝୀଗୌରୀ କଣ୍ଡାଗରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଶ୍ୱନାଥ ଶବର, ପୂର୍ବତନ ପ୍ରଧାନ ଶିକ୍ଷକ ଚକ୍ରପାଣି ରତ୍ନାଲୁ, ବୁଡୁ କଣ୍ଡାଗରୀ, ଚିନ୍ନା କଣ୍ଡାଗରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥି ଏବଂ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ମଧ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି ସୁରେଶ କୁମାର ବାର୍ଷିକ ବିବରଣୀ ପାଠ କରି ବିଦ୍ୟାଳୟରେ ଥିବା ସମସ୍ୟା ସମ୍ପର୍କରେ ନିଜ ବିବରଣୀ ରଖିଥିଲେ। ବାର୍ଷିକ କ୍ରୀଡାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଛାତ୍ର ଛାତ୍ରୀ ମାନେ ନିଜର ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ସହକାରୀ ଶିକ୍ଷକ ଭାଗ୍ୟଧର ପାଲାକା ମଞ୍ଚ ସଂଯୋଜନା କରିଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଶେଷରେ ପ୍ରଧାନ ଶିକ୍ଷକ ପି ସୁରେଶ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ଉତ୍ସବକୁ ସାଙ୍ଗ କରିଥିଲେ।

## ସରକାରୀ କାର୍ଯ୍ୟାଳୟର ୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି

ରାୟଗଡ଼ା, ୨୮।୧(ସମିସ): ରାୟଗଡା ଜିଲ୍ଲା ପ୍ରଶାସନ ଅଧୀନରେଥିବା ଏକାଧିକ ସରକାରୀ ବିଭାଗ କାର୍ଯ୍ୟାଳୟ ମାନଙ୍କରେ କୋଟି କୋଟି ଟଙ୍କା ବିଲ୍ ବକେୟା ରହିଥିବା ଜଣାପଡିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲ୍ଲାର ୨୫ଟି ସରକାରୀ ବିଭାଗ କାର୍ଯ୍ୟାଳୟ ଗୁଡିକରେ ମୋଟ ୩ କୋଟି ୫ଲକ୍ଷ ୪୨ହଜାର ୫୨୬ଟଙ୍କା ବିଦ୍ୟୁତ ବିଲ୍ ବକେୟା ରହିଛି । ଏଯାବତ ବକେୟା ବିଲ ପୈଠ ହୋଇନଥିବା ଜଣାପଡ଼ିଛି। ମିଳିଥିବା ତଥ୍ୟ ପ୍ରକାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସର୍ବାଧିକ ୧କୋଟି ୨୫ଲକ୍ଷ ୯୮ହଜାର ୮୦୦ ଟଙ୍କା ବିଦ୍ୟୁତ ବିଲ ବକେୟା ରହିଥିବା ବେଳେ ଲେବର ଏବଂ ଏମ୍ପ୍ଲୋଇଜ ଷ୍ଟେଟ ଇନସୁରାନ୍ସ ବିଭାଗରେ ୧୧ହଜାର ୯୪୮ଟଙ୍କା ବିଲ୍ ବକେୟା ରହିଛି। ସେହିଭଳି ସ୍କୁଲ ଓ ଗଣଶିକ୍ଷା ବିଭାଗର ୪୯ଲକ୍ଷ ୪୩ହଜାର ୨୧୩ ଟଙ୍କା, ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ବିଭାଗର ୩୬ଲକ୍ଷ ୧୨ହଜାର ୬୬୮ଟଙ୍କା, ଗୃହ ଓ ନଗର ଉନ୍ନୟନ ବିଭାଗର ୨୮ ଲକ୍ଷ, ୫୦ହଜାର ୮୪୬ଟଙ୍କା, ପଞ୍ଚାୟତିରାଜର ଅନ୍ୟ ବିଭାଗର ୧୬ଲକ୍ଷ, ୭୧ହଜାର ୩୨୭ଟଙ୍କା, ସ୍ୱାସ୍ଥ୍ୟ ପରିବାର ବିଭାଗର ୧୦ଲକ୍ଷ ୪୬ହଜାର ୭୮ଟଙ୍କା, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ୫ଲକ୍ଷ ୬୬ହଜାର ୯୬୮ଟଙ୍କା, ପବ୍ଲିକ ଏଣ୍ଟରପ୍ରାଇଜେସର ୪ଲକ୍ଷ ୩୦ହଜାର ୬୧୬ଟଙ୍କା, କେନ୍ଦ୍ର ସରକାରଙ୍କ ୨ଲକ୍ଷ ୮୫ହଜାର ୯୦୩ଟଙ୍କା, ମହିଳା ଓ ଶିଶୁ ବିକାଶ ବିଭାଗର ୨ଲକ୍ଷ ୬୨ହଜାର ୩୨୪ଟଙ୍କା, ଉଚ୍ଚ ଶିକ୍ଷା ବିଭାଗର ୨ଲକ୍ଷ ୩୭ହଜାର ୧୬୫ଟଙ୍କା, ବନ ବିଭାଗର ୨ଲକ୍ଷ ୨୮ହଜାର ୮୫୪ଟଙ୍କା, ଗ୍ରାମ୍ୟ ନିର୍ମାଣ ବିଭାଗର ୧ଲକ୍ଷ ୮୧ହଜାର ୪୭୧ଟଙ୍କା, କ୍ରୀଡ଼ା ବିଭାଗର ୧ଲକ୍ଷ ୨୭ ହଜାର ୩୭୭ ଟଙ୍କା, ବାଣିଜ୍ୟ ଓ ପରିବହନ ବିଭାଗର ୯୭ହଜାର ୫୪ଟଙ୍କା, କୃଷି ବିଭାଗର ୮୯ହଜାର ୭୩୯ଟଙ୍କା, ଅବକାରୀ ବିଭାଗର ୩୯ହଜାର ୫୪୧ଟଙ୍କା ବିଲ୍ ସମେତ ଅନ୍ୟ ବିଭାଗ ମାନଙ୍କରେ ମଧ ବିଲ୍ ବକେୟା ରହିଛି।

ତେବେ ଗୋଟିଏ ବେସରକାରୀ ବାଣିଜ୍ୟିକ ପ୍ରତିଷ୍ଠାନ ହେଉ କିମ୍ବା ସାଧାରଣ ବିଦ୍ୟୁତ ଉପଭୋକ୍ତାମାନଙ୍କ ଘରେ ମାତ୍ର ୯୦୦ ରୁ ୧୦୦୦ ଟଙ୍କା ବିଦ୍ୟୁତ ବିଲ ବକେୟା ରହିଥିଲେ ତଥା ସ୍ମାର୍ଟ ମିଟର ବ୍ୟବହାର କରୁଥିବା ଉପଭୋକ୍ତାଙ୍କୁ ନିୟମ ଶୁଣାଇ ବିଦ୍ୟୁତ ସରବରାହ ବନ୍ଦ କରିଦିଆଯାଉଛି। କିନ୍ତୁ ଜିଲ୍ଲା ପ୍ରଶାସନର ଏକାଧିକ ବିଭାଗ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବାକି ଥିବା ବେଳେ ଉକ୍ତ କାର୍ଯ୍ୟାଳୟଗୁଡିକରୁ ବିଦ୍ୟୁତ ସଂଯୋଗ କାହିଁକି ବିଚ୍ଛିନ୍ନ କରାଯାଉନାହିଁ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି ଏବଂ ଟିପିଏସଓଡିଏଲ କାହିଁକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି ବୋଲି ମଧ ସାଧାରଣରେ ଆଲୋଚନା ଜୋର ଧରିଛି।

## ମାଲକାନଗିରି ଜିଲ୍ଲାରେ କୃଷକ ସଂଗଠନର ବନ୍ଦ ଡାକରା

ମାଲକାନଗିରି,୨୮ ।୧(ସମିସ): ନବ ନିର୍ମାଣ କୃଷକ ସଂଗଠନର ବନ୍ଦ ଡାକରାର ପ୍ରଭାବ ମାଲକାନଗିରି ଜିଲ୍ଲାରେ ଦେଖା ଦେଇଛି। ସକାଳ ୬ ଘଟିକା ଠାରୁ ମଧ୍ୟାହ୍ନ ୨ ଘଟିକା ପର୍ଯ୍ୟନ୍ତ ଚାଲିଥିବା ଏହି ବନ୍ଦ ଡାକରାରେ ସମସ୍ତ ଯାନବାହାନ, ବିଦ୍ୟାଳୟ, କାର୍ଯ୍ୟାଳୟ, ଦୋକାନ ବଜାର ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଯାନବାହାନ ଗୁଡିକ ବନ୍ଦ ଥିବାରୁ ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଆଜିର ଏହି ବନ୍ଦ ଡାକରାରେ ନବନିର୍ମଆଣ କୃଷକ ସଂଗଠନ ସଭାପତି ଏରା ପଡିଆମି, ଦଶରଥ ଡୁରୁକା, ସୋମା ମାଡକାମିଙ୍କ ସହ ସଂଗଠନର ସମସ୍ତ କର୍ମୀ ମାନେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜି. ଶ୍ରୀନିବାସ ରାଓଙ୍କ ସହ ପ୍ରଭାକର ପାଳ, ଛବି ଦାସ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସହ କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ମାନେ ଉପସ୍ଥିତଥିଲେ।

# ଗାଁକୁ ନାହିଁ ରାସ୍ତା, ପାଣି ଓ ବିଜୁଳି

## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ



ବୈପାରୀଗୁଡ଼ା, ୨୮।୧(ସମିସ): ଗାଁକୁ ନାହିଁ ରାସ୍ତା,ବିଜୁଳି ଓ ପାଣି। ଅନ୍ଧାର ଦୂର ପାଇଁ ଡିବିରି ଭରସା। ଚୁଆ ପାଣିରେ ମେଣ୍ଟୁଛି ଶୋଷ। ପାହାଡିଆ, ଜଙ୍ଗଲ ଜମି ହିଡ଼ ସାଜିଛି ରାସ୍ତା। ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତ ଉପାନ୍ତ ଅଞ୍ଚଳ ଆମପାଣିଗୁଡା ଗାଁର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଗାଁରେ ୧୫ଟି ପରିବାରର ୭୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସମସ୍ତ ପରିବାର କୁଲିମଜୁରି କରି ଜୀବିକା ନିର୍ବାହ କରୁଛନ୍ତି। ଗାଁରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚି ପାରି ନାହିଁ । ଯାତାୟତ ପାଇଁ ମାଟି ରାସ୍ତାଟିଏ ମଧ୍ୟ ନାହିଁ। ବିଦ୍ୟୁତ ସେବା, ପାନୀୟ ଜଳ ବ୍ୟବସ୍ଥା ନାହିଁ । ଶୀତ ଓ ଖରାଦିନେ ପାହାଡିଆ ରାସ୍ତାରେ କଷ୍ଟେ ମଷ୍ଟେ ଯାତାୟତ କରିବାକୁ ପଡୁଛି। କିନ୍ତୁ ବର୍ଷା ଦିନେ ରାସ୍ତା ମଝିରେ ପାହାଡିଆ ନାଳ ଯୋଗୁଁ ପାଣି ଭରିଯାଏ ।ଯାତାୟାତ ଏକ ପ୍ରକାଶ ଠପ୍ ହୋଇଯାଏ । ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଏ ଗାଁ । ରାସ୍ତା ନଥିବାରୁ ଗାଁରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଜରୁରୀକାଳୀନ ପରିସ୍ଥିତିରେ ପାହାଡିଆ ଜଙ୍ଗଲ କାଦୁଅ ରାସ୍ତାରେ ନାଳପାର ହୋଇ ବିପଦ ସଂକୁଳ ଅବସ୍ଥାରେ ଦୁଇ କିଲୋମିଟର ରୋଗୀଙ୍କୁ ବୁହାହୁଏ। ବେଳେ ବେଳେ ଗର୍ଭବତୀ ମହିଳା ମାନେ ନଦୀ ପାର ହୋଇ ନପାରି ଗାଁରେ ହିଁ ଛୁଆ ଜନ୍ମ କରନ୍ତି। ଗାଁରେ ନଳକୂଅ ଟିଏ ନଥିବାରୁ ଚୁଆ ଖୋଳି ପାଣି ସଂଗ୍ରହ କରିଥାନ୍ତି ଗାଁର ମହିଳା ମାନେ। ବାଧ ହୋଇ ଦୂଷିତ ପାଣି ଉପରେ ନିର୍ଭର କରୁଥିବା ବେଳେ ଅଧିକାଂଶ ସମୟରେ ରୋଗଗ୍ରସ୍ତ ହୁଅନ୍ତି ଗ୍ରାମବାସୀ। ଛୋଟ ପିଲା ମାନେ ସ୍କୁଲ ଓ ଅଙ୍ଗନବାଡିରେ କେବଳ ନାଁ ଅଛି, କିନ୍ତୁ ପାଠ ପଢନ୍ତି ନାହିଁ। ଗାଁକୁ ଭଲ ରାସ୍ତା ନଥିବାରୁ ଅନେକ ପିଲା ସ୍କୁଲକୁ ନଯାଇ ଗାଈ ଚରାଇ ଥାନ୍ତି। ସେହିପରି ଗାଁରେ ବିଦ୍ୟୁତ ସେବା ଆଜି ପର୍ଯ୍ୟନ୍ତ ଯୋଗାଇ ଦିଆଯାଇ ନାହିଁ ଓ ବିଦ୍ୟୁତ ଆଲୋକ ନଥିବାରୁ ରାତିରେ ଡିବିରୀ ଆଲୁଅ ଓ କାଠ ନିଆଁ ଯୋଗାଇଥାଏ ଗ୍ରାମବାସୀଙ୍କୁ ଆଲୋକ। ସନ୍ଧ୍ୟା ହେଲେ ବଢିଯାଏ ଏମାନଙ୍କ ସମସ୍ୟା। ପିଲାଙ୍କ ପାଠପଢ଼ା ହେଉ ଅବା ରୋଷେଇ ସବୁ ଡିବିରୀ ଆଲୁଅରେ ହିଁ ହୁଏ। ଘରୁ ବାହାରିଲେ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଥିବା ବେଳେ ଟର୍ଚ୍ଚ ଆଲୁଅ ହିଁ ଭରସା। ବିଦ୍ୟୁତ ସଂଯୋଗ ନ ଥିବାରୁ ନିକଟସ୍ଥ ଗ୍ରାମରୁ ମୋବାଇଲ ଫୋନ, ଟର୍ଚ୍ଚ ଲାଇଟ୍ ଚାର୍ଜିଂ କରି ଆଣିବାକୁ ପଡୁଛି। ଆଉ ଏଠାରେ ନେଟୱର୍କ ନାହିଁ । ଯେଉଁଠି ପାଣି ବିଜୁଳି ରାସ୍ତା ନାହିଁ, ସେଇଠି କିଏ ବୁଝିବ ନେଟୱର୍କ କଥା। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି ପରେ ଗତ ଦୁଇ ସପ୍ତାହ ହେବ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ସେ ବି ସଠିକ ଜଳୁନି। ୫ ବର୍ଷରେ ଥରେ ନେତାମାନେ ଗାଁକୁ ଆସି ଭୋଟ ମାଗୁଛନ୍ତି। ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଜିଣିଗଲା ପରେ ଗାଁ କଥା ଭୁଲି ଯାଉଛନ୍ତି। ଏନେଇ ବହୁବାର ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ମିଳିତ ଜନ ଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇଲେ ମଧ୍ୟ ଫଳ ଶୂନ। ଏଣୁ ତୁରନ୍ତ ଗାଁର ମୌଳିକ ସମସ୍ୟା ଦୂର କରା ନଗଲେ ଆଗମୀ ଦିନରେ ରାଜ ରାସ୍ତା ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ସମିତି ସଭ୍ୟ ମୋହନ ଚାନ୍ଦ ମାଛ, ଗାଁର ଈଶ୍ୱର ଦୋରା, ଜଗବନ୍ଧୁ ପ୍ରଧାନୀ, ନରେଶ ମାଥିଲିଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କୋଷାଗୁମୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା



କୋଷାଗୁମୁଡା,୨୮।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ କୋଷାଗୁମୁଡା ବ୍ଲକ ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରରେ ଥିବା ବିଭିନ୍ନ ଆବଶ୍ୟକ କାର୍ଯ୍ୟ ଗୁଡିକୁ ନିର୍ମାଣ କରିବା ପାଇଁ ପ୍ରାୟ ୩୦ରୁ ଅଧିକ ନୂତନ ପ୍ରକଳ୍ପ ଖସଡ଼ାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ମହାଙ୍କୁଡ ସର୍ବସମ୍ମତି ପ୍ରକାରେ ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରିବନ୍ଧୁ ମାଝୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଭୁବନେଶ୍ୱର ନାୟକ, ଦେବାନନ୍ଦ ପଟନାୟକ, ବାଲାଜୀ ପଟନାୟକ, ହଟକେଶ୍ୱର ପ୍ରଧାନ, ହିମାଂଶୁ ଶେଖର ବାଘ, ସନ୍ତୋଷ କୁମାର, ଚିତ୍ରସେନ ନାୟକ,ରାଧାମୋହନ ବିଧାର, ପଞ୍ଚାୟତର ବୁଦ୍ଧିଜୀବୀ, ପଞ୍ଚାୟତର ସମସ୍ତ ୧୩ ୱାର୍ଡମେମ୍ବର ପ୍ରମୁଖଙ୍କ ସହ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ବନ୍ଧୁଗାଁ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ବନ୍ଧୁଗାଁ,୨୮।୧ (ସମିସ): ବନ୍ଧୁଗାଁ ଥାନାରେ ନୂତନ ଥାନା ଆଇଆଇସି ସିନ୍ଧୁ ସାରାକା ଦାୟତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କୋଟିଆ ଥାନା ଆଇଆଇସି ଭାବେ ରହି ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ପ୍ରିଣ୍ଟ ଓ ୱେବ ମିଡ଼ିଆ ସାମ୍ବାଦିକ ମାନଙ୍କ ସହ ପ୍ରଥମ ବୈଠକ କରିଥିଲେ। ଥାନା ଅଧୀନରେ ଥିବା ଅଞ୍ଚଳର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ଧୁଗାଁ ବ୍ଲକ ରେ ଶାନ୍ତି ଶୃଙ୍ଖଳା ଯୋଗାଇବା ସହିତ ଗ୍ରାମାଞ୍ଚଳରେ ଥିବା ଲୋକଙ୍କ ଥାନା ଓ ପୋଲିସ ମଧ୍ୟରେ ଯେଉଁ ଦୂରତା ରହିଛି, ତାହାକୁ ଅତି ନିକଟତର କରିବା ପାଇଁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏଥିପାଇଁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ନୀଳାବାଡି ମାଆ ଅଗ୍ନିଗାଙ୍ଗମା ଯାତ୍ରା ଶାନ୍ତି ଶୃଙ୍ଖଳାରେ କରିବା ପାଇଁ ସମସ୍ତଙ୍କ ପରାମର୍ଶ ଗ୍ରହଣ କରିଥିଲେ।

# ଜାତୀୟ ମତଦାତା ଦିବସ ପାଳିତ

ନବରଙ୍ଗପୁର,୨୮।୧(ସମିସ): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍ ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଏଲ୍ଓ, ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ "ମୋ ଭାରତ ମୋ ଭୋଟ" ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଭଳି ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଗଲା। ୪ ଟି ନିର୍ବାଚନମଣ୍ଡଳୀର ଭଲ ପ୍ରଦର୍ଶନ କରିଥିବା ବିଏଲଓ ଏବଂ ବିଏଲଓ ପର୍ଯ୍ୟବେକ୍ଷକମାନଙ୍କୁ ଏବଂ ସମସ୍ତ ଇଆରଓ ଏବଂ ଏଇଆର୍ଓ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଗଲା। କାର୍ଯ୍ୟକ୍ରମ ଶେଷେ ଡେପୁଟି କଲେକ୍ଟର (ନିର୍ବାଚନ) ଚିନ୍ମୟ ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବିଧାୟକଙ୍କ ଉପରକାଣ୍ଟି ଗ୍ରାମପଞ୍ଚାୟତ ପରିଦର୍ଶନ



ସେମିଳିଗୁଡ଼. ୨୮।୧ (ସମିସ): ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ବିଧାୟକ ରାମଚନ୍ଦ୍ର କାଡ଼ାମ୍ କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡା ବ୍ଲକର ଉପର କାଣ୍ଟି ଗ୍ରାମପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକୁ ମଙ୍ଗଳବାର ସମୀକ୍ଷା କରିଛନ୍ତି। ସେ ଲୋକଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ। ପଞ୍ଚାୟତରେ ଚାଲୁଥିବା ଉନ୍ନୟନ କାର୍ଯ୍ଯ ସମୀକ୍ଷା ହୋଇଥିଲା। ଉପରକାଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହଷ୍ଟେଲ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଛାତ୍ରାବାସର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଦେଓମାଳି ଆଇକନିକ ଯୁଥ କ୍ଲବ ଆନୁକୂଲ୍ୟରେ ଅୟୋଜିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ରାମଚନ୍ଦ୍ର କାଡାମ୍ ଯୋଗ ଦେଇଥିଲେ। କାର୍ଯକ୍ରମରେ ସେମିଳିଗୁଡ଼ା ବ୍ଲକ ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ମୋହନ ଜାନି, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଜଗଦୀଶ ବାଘ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନନ୍ଦପୁର ତହସିଲଦାରଙ୍କୁ ପ୍ରେସ କ୍ଲବ୍‌ର ସମ୍ବର୍ଦ୍ଧନା

ନନ୍ଦପୁର, ୨୮।୧ (ସମିସ): କୋରାପୁଟ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲାର ଶ୍ରେଷ୍ଠ ତହସିଲଦାର ଭାବେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରହିତ ବର୍ମା ଉପସ୍ଥିତ ରହିଥିଲେ। ତାଙ୍କର ଏହି ସଫଳତା ନନ୍ଦପୁର ପାଇଁ ଗୌରବ ଆଣି ଦେଇଛି ବୋଲି କହିବା ସହ ଶୁଭେଚ୍ଛା ଶୁଭ କାମନା ଜଣାଇଛନ୍ତି ବିଧାୟକ ରାମଚନ୍ଦ୍ର କାଡ଼ାମ। ଏହି ପରିପ୍ରେକ୍ଷୀରେ ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ରମେଶ କୁମାର ଅଧିକାରୀ, ଦୁର୍ଗା ପ୍ରସାଦ ପାଢି, ବିମଳ ରାଓ ସ୍ମିଥ, ସାମୁଏଲ୍ ଖେମୁଣ୍ଡୁ, ସୁନିଲ ପଣ୍ଡା ପ୍ରମୁଖ ତାହସିଲଦାରଙ୍କୁ ସାକ୍ଷାତ କରି ତାଙ୍କୁ ଶୁଭକାମନା ଜଣାଇ ସମ୍ବର୍ଦ୍ଧିତ କରିଥିଲେ।

# ବିଦେଶୀ ମଦ ଜବତ,୨ ଗିରଫ

କୋରାପୁଟ,୨୮।୧(ସମିସ): କୋରାପୁଟ ସଦର ଅବକାରୀ ଟିମ୍ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀ ମଦ ସହ ଦେଶୀ ମଦ ଏବଂ ବିୟର ଜବତ କରିଥିବା ବେଳେ ଦୁଇଜଣଙ୍କୁ ଗିରଫ କରିଥିବା ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରା ଯାଇଥିଲା। ନନ୍ଦପୁର ଥାନା ସୁବାଇ ଗ୍ରାମରେ ଚଢ଼ଉ କରି ଘନ ଆଡାରି ନାମକ ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୯.୬ଲିଟର ବିୟର ଏବଂ ୧୭.୨୮ ଲିଟର ବିଦେଶୀ ମଦ ଜବତ କରିଥିଲେ। ସେହିପରି ପଟାଙ୍ଗି ଥାନା କୁନ୍ଦୁଲିରେ ଚଢ଼ାଉ କରି ୬ ଲିଟର ଦେଶୀ ମଦ ଜବତ କରି ସନ୍ତୋଷ କିର୍ଷାନି ନାମକ ଜଣଙ୍କୁ ଗିରଫ କରିଥିଲେ। ଉଭୟଙ୍କ ବିରୁଦ୍ଧରେ ମାମଲା ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଅବକାରୀ ଓଆଇସି ଜଗବନ୍ଧୁ ଜାନି, ମମତା ମୟୀ ମହାନ୍ତି, ଧନୁର୍ଜୟ ପୂଜାରୀ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ।



# ସରସ୍ୱତୀ ବିଦ୍ୟାମନ୍ଦିରରେ ସଡ଼କ ସୁରକ୍ଷା ସପ୍ତାହ

ଦାମନଯୋଡ଼ି/ ସେମିଳିଗୁଡ଼ା,୨୮।୧ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନାଲ୍‌କୋ ଶିକ୍ଷାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ମଙ୍ଗଳବାର ନାଲକୋ ପରିବେଶ ଓ ସୁରକ୍ଷା ବିଭାଗ ଓ ଏସଭିଏମ୍‌ର ଯୁବ ରେଡ୍ କ୍ରସ୍ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ଜଗତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ନାଲକୋ ଖଣି ବିଶୋଧନ ପ୍ରକଳ୍ପର ପରିବେଶ ଓ ସୁରକ୍ଷା ବିଭାଗର ଉପ ମହାପ୍ରବନ୍ଧକ ୟୁ ମେହେତା ଓ ରଶ୍ମି ରଞ୍ଜନ ସେଠୀ, ମୁରଲୀ ଧର ଦାସ ଓ ନିହାର ରଞ୍ଜନ ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଡ଼ଃ ଗୋଧୂଳି ଦୋରା, ଡ଼ଃ ନିରୋଦ କୁମାର ପ୍ରଧାନ, କଲ୍ୟାଣୀ ଦାସ, ମୃଣ୍ମୟୀ ନନ୍ଦ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡ୍ କ୍ରସ ପରାମର୍ଶଦାତା ଡକ୍ଟର ନରେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ଼ଃ ଗୋଧୁଳି ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନ୍‌ସିପରେ କୋରାପୁଟ ଜିଲ୍ଲାର ସଫଳତା

ଜୟପୁର, ୨୮ ।୧ (ସମିସ): ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର ଖେଳାଳିଙ୍କୁ ସଫଳତା ମିଳିଛି। ପୁରୀ ସହରରେ ଗତ ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ୪୪ତମ ଓଡିଶା ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପର ଜିଲ୍ଲା ବାଳାଳିକ ଓ ବାଳକ ବର୍ଗର ଖେଳାଳି ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଜିଲ୍ଲାର ଜୟପୁରର ପ୍ରତିଭାଶାଳୀ ଜିମ୍ନାଷ୍ଟିକ ଖେଳାଳି ମାନେ ବିଭିନ୍ନ ବର୍ଗରେ ଗୋଟିଏ ସ୍ୱର୍ଣ୍ଣ, ରୌପ ଏବଂ ବ୍ରୋଞ୍ଜ ସମୁଦାୟ ୩ ପଦକ ପାଇଁ ଜିଲ୍ଲାର ସୁନାମ ରଖିଛନ୍ତି। ଏଥିରେ ୧୦ ବର୍ଷରୁ କମ ବାଳିକା ବିଭାଗରେ ବେଲେନ୍ସି ବିମ୍‌ରେ ଖାଳାଳି ସାନଭୀ ସୁଆର ରାଜ୍ୟ ସ୍ତରରେ ଚାମ୍ପିଅନ୍ ହୋଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ଫ୍ଲର ଏକ୍ସସାଇଜରେ ରୀତିକା ଦଳ ରୌପ ପଦକ ପାଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ଏମ.କେ. ସାଜିଦ ହୁସେନ ବ୍ରୋଞ୍ଜ ପଦକ ପାଇ ଜିଲ୍ଲାର ସୁନାମ ରାଜ୍ୟ ସ୍ତରରେ ପହଞ୍ଚାଇଛନ୍ତି। ଗତକାଲି ବିଜେତା ହୋଇ ଫେରିବା ପରେ ସ୍ଥାନୀୟ ରେଳଷ୍ଟେସନ ଠାରେ ୩ ଜଣ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# ସରସ୍ୱତୀ ବିଦ୍ୟାମନ୍ଦିର ସଂପାଦକ ସମ୍ବର୍ଦ୍ଧିତ

ଦାମନଯୋଡି/ ସେମିଳିଗୁଡା, ୨୮।୧(ସମିସ): ଦାମନଯୋଡିର ନାଲ୍‌କୋ ନେତାଜୀ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନାଲକୋ ତରଫରୁ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ରଙ୍କୁ ତାଙ୍କର ସମର୍ପିତ କାର୍ଯ୍ୟ ଓ ସେବା ମନୋବୃତ୍ତି ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଡକ୍ଟର ମିଶ୍ର ସେମିଳିଗୁଡା ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ରହି ଅବସରଗ୍ରହଣ କରିଛନ୍ତି। ୧୩ବର୍ଷ ଧରି ସେ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଂପାଦକ ଥିଲେ। ତାଙ୍କ ସମୟରେ ବିଦ୍ୟାମନ୍ଦିରର ଅନେକ ଦୃଷ୍ଟାନ୍ତମୂଳକ ବିକାଶ ହୋଇଛି। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ଅନୁଗୁଳ ନାଲକୋର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀମସେନ ପ୍ରଧାନ, ମାନବସମ୍ବଳ ମୁଖ୍ୟ ପ୍ରବନ୍ଧକ ଆନନ୍ଦ ବାସୁ, ସିଆଇଏସଏଫ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଉପସ୍ଥିତ ରହି ଡକ୍ଟର ମିଶ୍ରଙ୍କୁ ଉପଢୌକନ ଓ ଫଳକ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନାକମିଟିର ସଭାପତି ଶ୍ରୀ ପୁରୁଷୋତ୍ତମ ମହନ୍ତ, ସମସ୍ତ ସିଜେଏମ,ଜିଏମ୍, ଡିଜିଏମ୍, ଡିପିଏସ ଓ ଏସଭିଏମର ଅଧ୍ୟକ୍ଷ, ମିଡିଆ ହାଉସ, ଜନସାଧାରଣ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନବରଙ୍ଗପୁର, ୨୮।୧ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ପିଏଫ୍ ଯବାନ, ସରକାରୀ କର୍ମଚାରୀ,ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ ରକ୍ତଦାନ କରିଥିଲେ। ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଏଡିଏମ୍‌ଓ ଡ. ସୁକାନ୍ତ ଶତପଥୀ, ଏଡିଏମଓ ଡ଼ ମଳୟ ତ୍ରିପାଠୀ, ଡିଆଇପିଆର୍ ମନୋଜ ବେହେରା, ହସ୍ପିଟାଲ ମ୍ୟାନେଜର ରିତେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର୍ ସୁରକ୍ଷା ପ୍ରଶିକ୍ଷଣ ଶିବିର

କୋରାପୁଟ,୨୮।୧(ସମିସ): କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓକାକ୍ ପକ୍ଷରୁ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ ଓ ସାଇବର୍ ସୁରକ୍ଷା ନେଇ ଦିନକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ୮ମ ଓ ନବମ ଶ୍ରେଣୀର ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା ସହ ସାଇବର ସୁରକ୍ଷା ଉପରେ ପିଲାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏ ନେଇ ଜିଲ୍ଲା କୋର୍ଡିନେଟର ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି।

# ନାଲ୍‌କୋର ବାର୍ଷିକ କ୍ରୀଡ଼ା ଉଦଯାପିତ

ଦାମନଯୋଡ଼ି,୨୮।୧ (ସମିସ): ନାଲକୋ ଟାଉନ୍‌ସିପ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ବାର୍ଷିକ କ୍ରୀଡ଼ା ୨୦୨୫-୨୬ ସୋମବାର ଉଦଯାପିତ ହୋଇଯାଇଛି। ନାଲକୋ ସ୍ପୋର୍ଟସ ସେଲ ପକ୍ଷରୁ ଅନୁଷ୍ଠିତ ଏହି କ୍ରୀଡ଼ାର ପ୍ରଥମ ଦିବସରେ ଗତ ୧୮ ତାରିଖ ଦିନ ବାଲବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ସର୍ଟପୁଟ, ଚକୋଲେଟ ଦୌଡ଼ ଆଦି ୩୦ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ। ୨୬ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ନାଲକୋ କର୍ମଚାରୀ ଓ ପରିବାର ମହିଳା ମାନଙ୍କୁ ନେଇ ୩୬ଟି ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ, ଦିଲ୍ଲୀପ କୁମାର ବାଗ, ଏନ୍.ଏସ.ସୁଧାକର ଓ ଦୁର୍ଯ୍ୟୋଧନ ବେହେରା ଏବଂ ମହାପ୍ରବନ୍ଧକ କୁନ୍ତଳ ଆନନ୍ଦ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ତଥା ରେଫାରୀ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡ. ନିରୋଦ କୁମାର ପ୍ରଧାନ ଓ ନବକିଶୋର ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ଦୀପ୍ତି ପ୍ରକାଶ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ନିର୍ମଳ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। ଶ୍ରୀକାନ୍ତ ସାହୁ, ମୋହନ କଟିମ, ଦିଲ୍ଲୀପ କୁମାର ନାୟକ, ମହେନ୍ଦ୍ର ବେହେରା, ଲଳିତ ଗୌଡ଼, ତ୍ରିନାଥ ମାଳି,ପୁତୁଲ ମହାକୁଡ଼, ହରେକୃଷ୍ଣ ଏକୁଡୁ, ପ୍ରଭାତ କୁମାର ସାହୁ, ସୁଶାନ୍ତ ହିକୋକ୍କା ଓ ଏମ.କ୍ରିଷ୍ଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ୍ ପ୍ରତିଯୋଗିତା

# ଧୋଡ୍ରା ଚୈତନ୍ୟ ଏକାଦଶ ଚାମ୍ପିଅନ୍



ଚନ୍ଦାହାଣ୍ଡି,୨୮।୧(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ ତମ ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉମରକୋଟ ଦୁର୍ଯ୍ୟ ଏକାଦଶକୁ ୧୧୧ ରନରେ ପରାସ୍ତ କରି ଧୋଡ୍ରା ଚୈତନ୍ୟ ଏକାଦଶ ଚମ୍ପିଆନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଚୈତନ୍ୟ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ କରି ସନ୍ଦୀପ ପଟ୍ଟନାୟକଙ୍କ ୬୪, ଲୀଳାଧର ପ୍ରଧାନଙ୍କ ୪୯ ଓ ବିମଲ ମହାପାତ୍ରଙ୍କ ୪୮ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୨୦୪ ରନ ସଂଗ୍ରହ କରିଥିଲା। ଏହାକୁ ପିଛାକରି ଦୁର୍ଯ୍ୟ ଏକାଦଶ ବ୍ୟାଟିଙ୍ଗ ବିପର୍ଯ୍ୟୟ ହୋଇ ୧୫. ୩ ଓଭରରେ ମାତ୍ର ୯୩ ରନ କରି ଅଲଆଉଟ ହୋଇଯାଇଥିଲା। ୧୧୧ ରନରେ ବିଜୟ ସହ ଚୈତନ୍ୟ ଏକାଦଶ ଚାମ୍ପିଆନ ହୋଇଛି। ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣି ସମାରୋହରେ ମୂଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ,ଉପାଧକ୍ଷ ବାସୁଦେବ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀ ମଲ୍ଲୀ ଗୌଡ଼,ସରପଞ୍ଚ ଦୁର୍ଲ୍ଲବ ପୂଜାରୀ,ବରିଷ୍ଠ ନେତା ଗୌରହରି ନାୟକ,କିଶୋର ଖମାରୀ, ପୁରୁଷୋତ୍ତମ ପାରି, ନୀଳମଣି ଗୌଡ଼,କମଲୁ ମନହିରା,ମଞ୍ଜୁଲତା ନାୟକ,ଭୋଜରାମ ସିହ୍ନା,ମହମ୍ମଦ ହୁସେନ, ଯୁଗେଶ୍ୱର ନାଗ, କରୁଣା ପୂଜାରୀ, ଭବେଶ ଗଇଁତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଚାମ୍ପିଆନ ଚୈତନ୍ୟ ଏକାଦଶକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳ ଦୁର୍ଯ୍ୟ ଏକାଦଶକୁ ୭୦ ହଜାର ଟଙ୍କା ସହ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଓ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଚୈତନ୍ୟ ଏକାଦଶର ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଓ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର, ବେଷ୍ଟ ସିକ୍ସର ଲିଲୁ ବେହେରା, ବେଷ୍ଟ ଫିଲଡ଼ର୍ସ ପୂର୍ଣ୍ଣ ଚନ୍ଦ୍ର ମାଝୀ, ବେଷ୍ଟ ବୋଲର ବବି ଠାକୁର, ଲାଇଭ ଷ୍ଟ୍ରିମର ଦେବ ଷ୍ଟୁଡିଓକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରେ ଆମ୍ପାୟାର ଭାବେ ପବିତ୍ର ନାୟକ ଓ ପ୍ରକାଶ ମାଝୀ, ଭାଷ୍ୟକାର ଭାବେ ବିନୟ ସାହୁ, ତେଜରାଜ ଠାକୁର ଓ ନରେନ୍ଦ୍ର ନାୟକ, ସ୍କୋରର ଭାବେ ପ୍ରତାପ ଗୌଡ଼, ରାକେଶ ପଟ୍ଟନାୟକ, ମାନସ ନାୟକ, ଗୁପ୍ତେଶ୍ୱର ମାଝୀ, ଦିଲ୍ଲୀପ ନାୟକ ଓ ରାକେଶ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ସଦସ୍ୟ ସଂଗ୍ରାମ କେଶରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପଲ୍ଲୀଶ୍ରୀ ଯୁବକ ସଂଘ ସମ୍ପାଦକ ଧନେଶ୍ୱର ସେଠି,ସହ ସମ୍ପାଦକ ମନୋଜ କୁମାର ମାଝୀ, କୋଷାଧକ୍ଷ ହୃଷିକେଶ ମହାନ୍ତି, ବରିଷ୍ଠ ସଦସ୍ୟ ମହମ୍ମଦ ହନିଫ, ବଳରାମ ପଟ୍ଟନାୟକ, ମାୟାଧର ମାଝୀ, ନଳିନୀ ମାଝୀ, ଶିଶିର ମାଝୀ, ପରମେଶ୍ୱର ମାଝୀ, ଜୟସିଂ ନାୟକ, ସୌରୀ ରଞ୍ଜନ ସାହୁ, ବସନ୍ତ ବିଶୋଇ, ରତ୍ନାକର ସାହୁ, ଲୋଚନ ନାୟକ, ଅକାଲୁ ନାୟକ, ରତ୍ନାକର ପୋଟା, କନ୍ଦର୍ପ ନାୟକ, ମକର ପୋଟା, ରବୀନ୍ଦ୍ର ନାୟକ, ଡ଼ିକ୍ସନ ନାୟକ,ବିଦ୍ୟାଧର ଗୋପାଳ, ଦିନେଶ ସେଠି,ଗଙ୍ଗାଧର ମାଝୀ, ଲିଙ୍ଗରାଜ ମାଝୀ, କୈଳାସ ସୋରି, ବିଲୁ ସେଠି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦଯାପିତ




ନାରାୟଣପାଟଣା,୨୮।୧(ସମିସ): ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏହାର ପୋଷ୍ୟଗ୍ରାମ ଓଡ଼ିଆପେଣ୍ଠ ଠାରେ ୭ ଦିନ ଧରି ଶୀତକାଳୀନ ସ୍ୱତନ୍ତ୍ର ଶିବିର ହୋଇଥିଲା। ଏହି ଶିବିରର ଅନ୍ତିମ ଦିବସରେ ଉଦଯାପନ ଉତ୍ସବରେ ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଇଶ୍ୱର ଚନ୍ଦ୍ର ମୁଦୁଲି ମୁଖ୍ୟ ଅତିଥି ରପେ ଯୋଗ ଦେଇଥିବା ବେଳେ ଏନ୍‌ଏସ୍‌ଏସ୍‌ର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ସୁରେନ୍ଦ୍ର କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ କାମେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ କୃଷି ଅଧିକାରୀ ଗାବ୍ରିଏଲ୍ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ରପେ ଯୋଗ ଦେଇଥିଲେ। ଅଧକ୍ଷ ସୁଧିର କୁମାର ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ମନୋନୀତ ହୋଇଥିବା ଉତ୍ତମ ସ୍ୱେଚ୍ଛାସେବୀଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ତ୍ରିବେଣୀ ପ୍ରଧାନ ଉଦ୍‌ଯାପନ ଉତ୍ସବର ସୁପରିଚାଳନା କରିବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ଅଧାପକ ପ୍ରଜାରଞ୍ଜନ ମିଶ୍ର, ଅର୍ଥନୀତି ଅଧାପକ ସୁଶାନ୍ତ କୁମାର ପରିଡା ଏବଂ କ୍ରୀଡ଼ା ଶିକ୍ଷକ ରଜତ କୁମାର ହିଆଳ ସହଯୋଗର ହାତ ବଢାଇଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

## ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍‌ର କମ୍ବଳ ବଣ୍ଟନ



ରାୟଗଡ଼ା,୨୮ ।୧(ସମିସ): ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଝଞ୍ଜାବତୀ ମହିଳା ୱାକର୍ସ କ୍ଲବ୍ ତରଫରୁ ରାୟଗଡ଼ା ସହର ଉପକଣ୍ଠ ମାରିଗୁଡ଼ା ଗ୍ରାମରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାରିଗୁଡା ଗ୍ରାମରେ ଥିବା ୫୦ ପରିବାରକୁ ୱାକର୍ସ କ୍ଲବ୍‌ର ସଦସ୍ୟ କମ୍ବଳ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଭାପତି ୱାକର ଅନୁସୂୟା ମାଝୀ, ସମ୍ପାଦିକା ୱାକର ରୀତା ରାଣୀ ମିଶ୍ର, ଉପସଭାପତି ସୁଜ୍ଞାନୀ ପାଢ଼ୀ, ଏମଜିଏଫ ରୁବି ରାଣୀ କୁଣ୍ଡୁ , ଏମ ଜି ଫ୍ ଅରୁଣା ବେହେରା, ଉପଦେଷ୍ଟା କଳ୍ପନା ଦାସ, ପଦ୍ମାଳୟା ମିଶ୍ର,ସୁଜାତା ମାଦଳା, ନମିତା ପାଢୀ, ରଶ୍ମିତା ପଣ୍ଡା,ଜଳୀ ୱାକର ଶିବାନୀ ପାଳକା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ମନ୍ତ୍ରୀଙ୍କ ସହ ରାଜ୍ୟ ପିଏଜି ସଂଘର ଆଲୋଚନା

ରାୟଗଡା,୨୮ ।୧(ସମିସ): ରାଜ୍ୟ ପି ଏ ଜି ଆସୋସିଏସନ୍‌ର କିଛି ସଦସ୍ୟ ସଂଘ ପକ୍ଷରୁ ରାୟଗଡ଼ା ଜିଲ୍ଲା ଗସ୍ତରେ ଥିବା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇଥିଲେ। ବିଭାଗୀୟ ମନ୍ତ୍ରୀ ସଂଘକୁ ପୁନଃ ନିଯୁକ୍ତି କରାଇବା ନିମନ୍ତେ ପ୍ରତିଶୃତି ଦେଇଥିଲେ। ଏହାପରେ ବିଭାଗ ତରଫରୁ ପୁନଃ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ ହେବା ବିଷୟରେ ସଂଘକୁ ସୂଚନା ଦିଆ ଯାଇଥିଲା। ତେଣୁ ଆଜି ସଂଘ ପକ୍ଷରୁ କିଛି ସଦସ୍ୟ ମନ୍ତ୍ରୀଙ୍କୁ ଭେଟି ପୂର୍ବରୁ ମନ୍ତ୍ରୀ ଦେଇଥିବା ପୁନଃ ନିଯୁକ୍ତି ପ୍ରତିଶ୍ରୁତିର ଶୀଘ୍ର କାର୍ଯ୍ୟକାରୀ କରିବା ନିମନ୍ତେ ଅନୁରୋଧ କରିବା ସହ ୫ ବର୍ଷ ପରେ ମିଳିବାକୁ ଯାଉଥିବା ସଫଳତା ନିମନ୍ତେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କୁ ଧନ୍ୟବାଦ ଦେଇଥିଲେ।

## ଚିତ୍ରକଳା ଓ ହସ୍ତକଳା ପ୍ରତିଯୋଗିତା




ମାଥିଲି,୨୮ ।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତ ଆନୁକୂଲ୍ୟରେ ଏବଂ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣାଙ୍କ ସକ୍ରିୟ ଉଦ୍ୟମରେ ପ୍ରତିବର୍ଷ ପରି ଜାନୁଆରୀ ୨୬ ଗଣତନ୍ତ୍ର ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ସଦର ସରପଞ୍ଚ କାନାମ ରାଜୁ ନାୟକ,ସମିତି ସଭ୍ୟ ତଥା ଯୁବ ନେତା ବାଲ ରାଜୁ ନାୟକ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ , ବରିଷ୍ଠ ନାଗରିକ ଅବଦୁଲ ଗାଫାର, ବରିଷ୍ଠ ସାମ୍ବାଦିକ ଏମ ଡି ଆକବର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ, ମାଥିଲି ସିଆର୍‌ସିସି ନିହାର ରଞ୍ଜନ ବିଶ୍ୱାସ, ଚାଉଳମେନ୍ଦି ସିଆରସିସି ସନ୍ତୋଷ ପୂଜାରୀ ବିଚାରକ ଭାବରେ ଯୋଗ ଦେଇ ସର୍ବଶ୍ରେଷ୍ଠ କଳା ପଦର୍ଶିତ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଚୟନ କରିଥିଲେ। ପ୍ରତିଯୋଗିତା ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହ ଅର୍ଥ ରାଶି ପ୍ରଦାନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ କାର୍ଯ୍ୟକ୍ରମ




କୋରୁକୋଣ୍ଡା,୨୮ ।୧(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଲା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମହାବିଦ୍ୟାଳୟ ଦ୍ୱାରା ଜାତୀୟ ସେବା ଯୋଜନା ଅନ୍ତର୍ଗତ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ କାର୍ଯ୍ୟକ୍ରମ ୨୪ ଜାନୁଆରୀ ଠାରୁ ଆରମ୍ଭ ହୋଇ ୨୬ ଜାନୁଆରୀରେ ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହ ଚିତ୍ରକୋଣ୍ଡାର ବିଧାୟକ ମଙ୍ଗୁ ଖିଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ବାଲିମେଳାର ଏନଏସି ଅଧ୍ୟକ୍ଷ ପ୍ରଦୀପ ନାୟକ ତୃଣମୂଳ ସ୍ତରରେ ନେତୃତ୍ୱ ତାଲିମର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରମାନଙ୍କୁ ସାମାଜିକ ବିକାଶ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ଭି.ଡି. ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ମନୋରଞ୍ଜନ ପ୍ରଧାନ ଜାତୀୟ ସେବା ଯୋଜନାର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

# ଦୁର୍ଦ୍ଧାନ୍ତ ସୀମାଞ୍ଚଳ ହତ୍ୟା ଘଟଣା, ଜଣେ ଗିରଫ

ମୁନିଗୁଡା, ୨୮ ।୧(ସମିସ)

ରାୟଗଡା ଜିଲ୍ଲା ଅମ୍ବାଦଳା ଥାନା ଅନ୍ତର୍ଗତ ରେଲୱେ ସାହିର ଜଣେ ଅପରାଧୀକୁ ବିଭତ୍ସ ଭାବରେ ହତ୍ୟା କରାଯାଇଥିବା ଘଟଣାରେ ଆମ୍ବଦଳା ପୁଲିସକୁ ମିଳିଛି ସଫଳତା। ଉକ୍ତ ହତ୍ୟା ଘଟଣାରେ ଜଣଙ୍କୁ ଗିରଫ କରିବା ପରେ ଡେମୋ ଦେଖାଇଲା ହତ୍ୟାକାରୀ। ଅଭିଯୁକ୍ତକୁ ଧରି ସିନ ରିକ୍ରିଏସନ୍ କଲା ପୋଲିସ। ୨୫ ତାରିଖ ଦିନ ହୋଇଥିବା ହତ୍ୟାକାଣ୍ଡ ଘଟଣାରେ ଅମ୍ବାଦଳାର ଜଣେ ଯୁବକକୁ ପୁଲିସ ଗିରଫ କରିଛି। ଏହି ହତ୍ୟା ଘଟଣାରେ ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତ ଅଜିତ ମାହାନ୍ତି ଓରଫ ମୁନା ଫେରାର ହୋଇଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି। ମୃତକ ଏବଂ ହତ୍ୟାକାରୀ ସମସ୍ତେ ଅପରାଧୀକ କାର୍ଯ୍ୟକଳାପରେ ଲିପ୍ତ ରହିଥିବାରୁ ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଲେ ବସନ୍ତ କୁମ୍ଭାର ଓରଫ ଶାହାରୁଖ ୨୫ ବର୍ଷ। ଆଜି ଗିରଫ ହୋଇଥିବା ବସନ୍ତକୁ ଘଟଣାସ୍ଥଳକୁ ନେଇ ପୁଲିସ ହତ୍ୟାକାଣ୍ଡର ସିନ ରିକ୍ରିଏସନ କରିଥିଲା। ପୁଲିସ ଦ୍ୱାରା ଗିରଫ ହୋଇଥିବା ବସନ୍ତ ସୂଚନା ପ୍ରଦାନ କରି ଫେରାର ଥିବା ଅଜିତ ସିମାଞ୍ଚଳଙ୍କୁ ଗୁଳି ମାରିଥିବା ବେଳେ ସେ ଖଣ୍ଡା ସାହାଯ୍ୟରେ ହାତ ପାପୁଲି କାଟିଥିବା ନେଇ ସ୍ୱିକାର କରିଛି। ୨୦୧୮ ରୁ ମସିହାରୁ ବସନ୍ତ ଏବଂ ସିମାଞ୍ଚଳଙ୍କ ମଧ୍ୟରେ ଶତ୍ରୁତା ଲାଗିରହିଥିଲା। ସୂଚନାରୁ ଜଣାପଡିଛି ୫/୬ ବର୍ଷ ତଳେ ମୃତକ ସିମାଞ୍ଚଳ ବସନ୍ତ

**ଅଭିଯୁକ୍ତକୁ ଧରି ସିନ ରିକ୍ରିଏସନ୍ କଲା ପୋଲିସ**

ଏବଂ ଅଜିତକୁ ମାଡ ମାରିଥିଲେ। ଏପରିକି ବସନ୍ତଙ୍କ ମାଁ ଓ ଭଉଣୀଙ୍କୁ ମଧ ମାଡ ମାରି ସେତେବେଳେ ସିମାଞ୍ଚଳ ସୁନା ଓ ଟଙ୍କା ଲୁଟିନେଇଥିଲେ। ୨୦୨୦ ପରେ ଭୟରେ ବସନ୍ତ ଆମ୍ବଦଳା ଛାଡି ଟିଟଲାଗଡରେ ପରିବାର ସହ ରହୁଥିଲେ। ଏହି ଘଟଣାରେ ପ୍ରତିଶୋଧ ନେବା ପାଇଁ



ମୃତକ



ଅଭିଯୁକ୍ତ

ଆମ୍ବାଦଳା ରେଲୱେ ସାହିର ସିମାଞ୍ଚଳ ସାହୁ ଓରଫ ବୁଲୁକୁ ରାସ୍ତାରୁ ହଟାଇବା ପାଇଁ ବସନ୍ତ ଏବଂ ଅଜିତ ଯୋଜନା କରିଥିଲେ। ହତ୍ୟାକାଣ୍ଡ ଘଟାଇବା ପାଇଁ ମୋତେ ସହଯୋଗ କରି ଅଜିତ ବିହାରରୁ ପିସ୍ତଲ ଆଣିଥିଲେ ବୋଲି ପୁଲିସ ଆଗରେ ବସନ୍ତ ସ୍ୱୀକାର କରିଥିବା ଜଣାପଡିଛି । ଯୋଜନା ପ୍ରକାରେ ହତ୍ୟାକାରୀ ମାନେ ସୀମାଞ୍ଚଳଙ୍କୁ ଗୁଳି ମାରିବା ପରେ ଖଣ୍ଡା ସାହାଯ୍ୟରେ ହାତ ପାପୁଲି କାଟିଦେଇ ଫାର୍ଶାରେ ହାଣି ପଥର ସାହାଯ୍ୟରେ ମୁଣ୍ଡକୁ ଛେଚିଦେଇ ବିଭତ୍ସ ଭାବେ ହତ୍ୟା କରିଥିଲେ। ଏହାକୁ ନେଇ ଅମ୍ବାଦଳା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିବା ସହ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ଏହି ଘଟଣା ପରେ ଅମ୍ବାଦଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ତଦନ୍ତବେଳେ ଘଟଣା ସ୍ଥଳରୁ ପୁଲିସ ଏକ ବ୍ୟବହୃତ ଖୋକା ଓ ଦୁଇଟି ଜୀବନ୍ତ ଗୁଳି ସହ ଖଣ୍ଡା ଓ ଫାର୍ଶା ଜବତ କରିଥିଲା। ଏହି ଘଟଣାରେ ବିଷମକଟକ ଏସଡ଼ିପିଓ ସନ୍ତୋଷିନୀ ଓରାମ ଆମ୍ବଦଳା ଥାନା ଅଧିକାରୀ କଳ୍ପନା ବେହେରା ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ବସନ୍ତକୁ ଗତକାଲି ଟିଟିଲାଗଡରୁ ପୁଲିସ ଟିମ ସହାୟତାରେ ଉଠାଇଥିଲେ । ଘଟଣାର ତଦନ୍ତ ଚାଲିଛି, ଖୁବଶୀଘ୍ର ଏହି ଘଟଣାରେ ସଂଶ୍ଳିଷ୍ଟ ଅନ୍ୟ ଅପରାଧୀକୁ ଧରାଯିବ ବୋଲି ଆଇଆଇସି କଳ୍ପନା ବେହେରା ସୂଚନା ଦେବା ସହ ବସନ୍ତକୁ ଆଜି କୋର୍ଟ ଫରୱାର୍ଡ କରିଥିବା ଜଣାପଡିଛି। ହତ୍ୟାକାଣ୍ଡ ପରେ ବ୍ୟବହୃତ ହୋଇଥିବା ବାଇକକୁ ପୁଲିସ ଜବତ କରିଛି।

## ଟିକ୍ରାପଡାରେ ଅଷ୍ଟପ୍ରହରୀ ନାମଯଜ୍ଞ



ଟିକିରି,୨୮ ।୧(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ହାଡିଗୁଡା ପଞ୍ଚାୟତ ଅନ୍ତର୍ଗତ ଟିକ୍ରାପଡା ଗ୍ରାମଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ନିକଟସ୍ଥ ବଡ ନାଳରୁ ପାଣି ଆଣି କଳସ ଯାତ୍ରା ହୋଇ ମଣ୍ଡପକୁ ନିଆଯାଇ ଅଧିବାସ ହୋଇଥିଲା। ୨୦ ବର୍ଷ ହେବ ଏହି କାର୍ଯ୍ୟକ୍ରମି ଅନୁଷ୍ଠିତ ହୋଇ ଆସୁଥିଲା। କିନ୍ତୁ ସମୟକ୍ରମେ ବନ୍ଦ ହୋଇଯାଇଥିଲା। ଗ୍ରାମର ୧୫ଜଣିଆ କମିଟିଗଠନ କରାଯାଇ ୨୦୨୫ ମସିହାରୁ ପୁଣି ମାଘ ମାସ ନବମୀ ତିଥିରୁ ଅନୁଷ୍ଠିତ ହୋଇ ଆସୁଛି। ସଭାପତି ରାମ କୁମ୍ଭାର ଓ କୋଷାଦକ୍ଷ କୁମଦନ ଗୌଡ଼ ଙ୍କ ନେତୃତ୍ୱରେ ଗ୍ରାମର ମହେନ୍ଦ୍ରଶ୍ୱର ଧାଙ୍ଗଡା ମାଝୀ, କୁମଦନ ଗୌଡ଼, ଗୌରାଙ୍ଗ କୁମ୍ଭାର, ଅନନ୍ତ କୁମ୍ଭାର, ଶୁବାସ କୁମ୍ଭାର, କଣ୍ଡ କୁମ୍ଭାର, ଉପେନ୍ଦ୍ର ଗୌଡ଼, ଦେବରାଜ ଗୌଡ଼, ମୁକୁନ୍ଦ ଗୌଡ଼, ଦିନୁ ଝୋଡିଆ, ଉଦ୍ଧବ, କୈଳାସ ଗୌଡ଼, ମହେନ୍ଦ୍ରଶ୍ୱର ଦୋରା ସହ ଟିକରପଡା ଗ୍ରାମବାସୀ ସହଯୋଗ କରିଥିଲେ।

## ଚନ୍ଦ୍ରପୁର ସମନ୍ୱିତ ଶିଶୁ ବିକାଶ ଯୋଜନା ଅଫିସରେ କିରାଣି ମରୁଡି

ଚନ୍ଦ୍ରପୁର, ୨୮ ।୧ (ସମିସ): ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଠାରେ କିରାଣି ଅଭାବ ଥିବା ଦେଖିବାକୁ ମିଳୁଛି । ଏଠାରେ ତିନି ଜଣ କିରାଣି ରହିବା କଥା । କିନ୍ତୁ ସରକାରଙ୍କ ଉଦାସୀନତା ଯୋଗୁଁ ଏଠାରେ କିରାଣି ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । ଏଠାକୁ ବଦଳି ହୋଇ ଆସିଥିବା କିରାଣିଙ୍କୁ ଅଳ୍ପରହଣୀ ମଧ୍ୟରେ ତରବରିଆ ଭାବେ ବଦଳି ଓ ରିଲିଫ କରି ଦିଆଯାଉଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି। ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ବରିଷ୍ଠ ରାଜସ୍ୱ ସହାୟକ, କନିଷ୍ଠ ରାଜସ୍ୱ ସହାୟକ, ପରିସଂଖ୍ୟାନ ସହାୟକ ରହିବା କଥା । କିନ୍ତୁ କାର୍ଯ୍ୟାଳୟରେ ଜଣେ କନିଷ୍ଟ ରାଜସ୍ୱ ସହାୟକଙ୍କ ଦ୍ୱାରା କାର୍ଯ୍ୟାଳୟର ବିଭିନ୍ନ କାମ ପରିଚାଳନା କରାଯାଉଛି । କିନ୍ତୁ ଚନ୍ଦ୍ରପୁର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟଠାରୁ କିରାଣି ଜଣକୁ ବଦଳି ଆଦେଶ ହେବା ପରେ ଆଉ ଜଣକୁ ନିଯୁକ୍ତ ଦେବା କଥା । କିନ୍ତୁ ତାଙ୍କ ସ୍ଥାନରେ ଆଉ କୌଣସି ବ୍ୟକ୍ତିଙ୍କୁ ଚନ୍ଦ୍ରପୁର ବ୍ଲକ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟକୁ ବଦଳି କରି ଦାୟିତ୍ୱ ଦେଲେ ନାହିଁ। ଯଦ୍ୱାରା କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟରେ ନାହିଁ ନଥିବା ଅସୁବିଧା ଯୋଗୁଁ କାମ ଠପ୍ ହୋଇଯାଇଛି। ଏଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ କିରାଣି ନିଯୁକ୍ତି କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## କଂଗ୍ରେସର ସମ୍ବର୍ଦ୍ଧନା ସଭା



ବିଷମ କଟକ,୨୮ ।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ସ୍ଥ ଚାଞ୍ଚଡାଗୁଡା ଆମ୍ବତୋଟା ଠାରେ ବ୍ଲକ କଂଗ୍ରେସ୍ ସରଫରୁ ଏକ ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲ୍ଲା କଂଗ୍ରେସ୍ ସଭାପତି ବିଧାୟକ ଆପଲସ୍ୱାମି କାଡ୍ରାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଷମ କଟକ ବିଧାୟକ ନିଳମାଧବ ହିକକା, ଦୁର୍ଗାପ୍ରସାଦ ପଣ୍ଡା, ଶଙ୍କରଶଣ ମଙ୍ଗରାଜ, ମୁନିଗୁଡା ସାଂସଦ ପ୍ରତିନିଧି ମାନସ ବେହେରା, ବାଳକୃଷ୍ଣ ପାଢ଼ି, ମୁନିଗୁଡା ବ୍ଲକ ସଭାପତି ନିଳାମ୍ବର ବିଭାର, ଚନ୍ଦ୍ରଶେଖର କୁସୁଲିଆ,କଲ୍ୟାଣସିଂଙ୍ଗପୁର ବ୍ଲକ ସଭାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ସଭାରେ ଜିଲ୍ଲା ସଭାପତି ଜିଲ୍ଲା, ବ୍ଲକ, ଏବଂ ଗ୍ରାମ ଫଚାୟରେ କିପରି କଂଗ୍ରେସ୍ ଦଳକୁ ସୁଦୃଢ କରିବା ଏବଂ ଲୋକଙ୍କ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେବାକୁ ଉପସ୍ଥିତ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ବିଷମ କଟକ ନିର୍ବାଚନ ମଣ୍ଡିଳିର ବିଭିନ୍ନ ଅଂଚଳରେ ରହିଥିବା ପ୍ରକୃତି ପୂଜକ, ଜାନି, ବେଜୁଣି, ନାଏକ ମାନଙ୍କୁ ମଞ୍ଚରେ ଅତିଥି ମାନେ ସମ୍ମାନିତ କରିଥିଲେ। କଂଗ୍ରେସ ଦଳର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ଲକର ବିଭିନ୍ନ ଅଞ୍ଚଳରୁ ୩୦ରୁ ଅଧିକ ବିଭିନ୍ନ ଦଳର କର୍ମୀ ମାନେ ଆଜି ଜିଲ୍ଲା ସଭାପତି ଏବଂ ବିଧାୟକଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମରେ କଂଗ୍ରେସରେ ଯୋଗ ଦେଇଛନ୍ତି। ବ୍ଲକ କଂଗ୍ରେସ୍ ସଭାପତି କୃଷ୍ଣ ନାଣକାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଝିଗିଡି ସରପଞ୍ଚ ଅଜିତ ସାରକା ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ

## ଦେବଗିରି କଳା ପରିଷଦର ବାର୍ଷିକ ଉତ୍ସବ

କଲ୍ୟାଣସିଂହପୁର, ୨୮ ।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ଅଧିନସ୍ତ ବଡ଼ମାନିଘାଟି ଠାରେ ରବିବାର ଦିନ ସାଂସ୍କୃତିକ ଅନୁଷ୍ଠାନ ଦେବଗିରି କଳା ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ମସିହା ଫେବୃଆରୀ ୧୪ ତାରିଖରୁ ପ୍ରାରମ୍ଭ ହୋଇଥିବା ଏଇ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନେ ପାରମ୍ପରିକ ଲୋକକଳା ମାଧ୍ୟମରେ ଆଞ୍ଚଳିକ ଭାଷା, ନୃତ୍ୟ, କଳା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହ ପଥପ୍ରାନ୍ତ ନାଟକ କରି ସରକାରଙ୍କ ବିଭିନ୍ନ ବିଭ ପ୍ରଥମ ଥର ଏହି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବନ୍ଧୁ ମିଳନ ଓ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହି ଓ ସମ୍ମାନୀତ ଅତିଥି ଭାବେ ରାୟଗଡ଼ା ଜିଲ୍ଲା କଳାକାର ମହାସଂଘର ଯୁଗ୍ମ ସମ୍ପାଦକ ଇ. ଗୌରୀ ଶଙ୍କର ରାଓ, ଉପ ସଭାପତି ଗୁପ୍ତେଶ୍ୱର ସିକା ଉପସ୍ଥିତ ରହିଥିଲେ। ପ୍ରଥମେ ଦେବଗିରି କଳା ପରିଷଦର ସମ୍ପାଦକ ସନ୍ତୋଷ କୁମାର ବଛା ଅତିଥିଙ୍କ ପରିଚୟ ପ୍ରଦାନ ସହ ମଞ୍ଚାସୀନ ପାଇଁ ନିମନ୍ତ୍ରଣ କରିଥିଲେ। ଯୁଗ୍ମ ସମ୍ପାଦକ ସୁରେଶ ବିଡିକା ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହି ଅନୁଷ୍ଠାନକୁ ପ୍ରଶଂସା କରିବା ସହ ଉଦ୍‌ଘାଟନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ମାଳେସ କୌଶଲ୍ୟା ଧନ୍ୟବାଦ୍ ଅର୍ପଣପରେ ସଭା ସାଙ୍ଗ ହୋଇଥଲା। କାର୍ଯ୍ୟକ୍ରମରେ ଉପ ସଭାପତି ଦୀନବନ୍ଧୁ ସାରାକା, ସଦସ୍ୟ ବିକାଶ ଗାଣ୍ଟା, ବରିଷ୍ଟ ଲୋକକଳା କଳାକାର ବେଭାରି ଗାଣ୍ଟା, ଅର୍ଜୁନ କୌଶଲ୍ୟା, ଅନ୍ୟ କଳାକାରଙ୍କ ମଧ୍ୟରେ ଯଶୋବନ୍ତ ପାତିକା, ଦୂର୍ଗା ସୁନା, ଲିଙ୍ଗରାଜ ବାଘ, ଜୟ ହୁଇକା, ମାଦାନା କୁଲିସିକା, ବାଲାଜୀ କୁଲିସିକା, ବାସବ ଗାଣ୍ଟା, ରହିଦାସ ତୁରୁକ୍, ଶ୍ରୀକାନ୍ତ କାଡ୍ରାକା, ନରେଶ ହିଆଲ୍ ଉପସ୍ଥିତ ରହିଥିଲେ।



## ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଅମ୍ବାଦଳା,୨୮ ।୧(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ସାମନ୍ତ ମହା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରତିଷ୍ଠାତା ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତ, ମୁଖ୍ୟ ବକ୍ତା ଭାବେ ମୁନିଗୁଡା ସ୍ନାତକ ମହା ବିଦ୍ୟାଳୟର ଅଧ୍ୟକ୍ଷ ହୃଷୀ କେସ ଜାଲି, ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଅରୁଣ କୁମାର ସାହୁ, ବନମାଳୀ ଶିକ୍ଷା ନିକେତନ ପ୍ରତିଷ୍ଠାତା ସଭାପତି ସୁରେନ୍ଦ୍ର ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଧର୍ମିଷ୍ଠା ସାମନ୍ତ, ମୁନିଗୁଡା ବ୍ଲକ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ, ପୂର୍ବତନ ଛାତ୍ର ଅମ୍ବିକା ପ୍ରସାଦ ପଣ୍ଡା, ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ତପନ କୁମାର ସାହୁ ବୈଠକକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗୋଲକ ବିହାରୀ ଘଡେଇ, ଅଧ୍ୟାପକ ମନୋଜ କୁମାର ଦାସ, ଅଧ୍ୟାପକ ସୁଜିତ୍ କୁମାର ସେଠୀ, ଅଧ୍ୟାପକ ରମେଶ ରଞ୍ଜନ ଜେନା ସହଯୋଗ କରିଥିଲେ। ଶେଷରେ ଗ୍ରନ୍ଥ ରକ୍ଷକ ଉମେଶ ଚନ୍ଦ୍ର ସାମନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ ସମ୍ମାନିତ

ଗୁଡାରି,୨୮ ।୧(ସମିସ): ଗୁଡାରି ଟିପିଏସଓଡିଏଲ୍ ତରଫରୁ ପିଏମ୍ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ୟୁଏଲ୍ଏ ମଡେଲ ଅଧୀନରେ ସୌର ପ୍ୟାନେଲ ସ୍ଥାପନ କରିଥିବା ଉପଭୋକ୍ତାଙ୍କୁ ସମ୍ମାନିତ କରାଯାଇଛି। ରାୟଗଡା ଜିଲ୍ଲା ଗୁଡାରି ବିଦ୍ୟୁତ ବିଭାଗ ତରଫର ୧ କିଲୋୱାଟ ସୋଲାର ସିଷ୍ଟମ କରିବା ନିମନ୍ତେ ଜିଲ୍ଲାରେ ପ୍ରଥମ କରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କୋଦମା ଗ୍ରାମ ପଞ୍ଚାୟତର ଅନୁଗୁରୁଠି ଗ୍ରାମର ପି. ଗୋପୀ ଏବଂ ସୁରତ କାଡ୍ରକା କାର୍ଯ୍ୟକାରୀ କରାଇଥିବାରୁ ବିଦ୍ୟୁତ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ସାଧାରଣତନ୍ତ୍ର ଦିବସରେ ଗୁଡାରି ବିଦ୍ୟୁତ ବିଭଗ ତରଫରୁ ମାନପତ୍ର ସହ ଉପହାର ବିଦ୍ୟୁତ ବିଭାଗ ଯନ୍ତ୍ରୀ



ବଳଭଦ୍ର ମିଶ୍ର ପ୍ରଦାନ କରିଛନ୍ତି । ଏଭଳି ସୋଲାର ସିଷ୍ଟମ ଲଗାଇ ବିଦ୍ୟୁତ ବିଲରୁ ରକ୍ଷା ପାଇବା ନିମନ୍ତେ ଗ୍ରାହକ ମାନଙ୍କୁ କହିଥିଲେ । ବିଦ୍ୟୁତ୍ ଆବଶ୍ୟକତାକୁ ଦେଖି ଉତ୍ପାଦନ ସନ୍ତୋଷଜନକ ନୁହେଁ। ତେଣୁ ଏହାର ବିକଳ୍ପ ଭାବେ ସୌରଶକ୍ତିର ବିନିଯୋଗ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଛନ୍ତି ଓ ସମସ୍ତେ ଯେପରି ସବୁଜ ଶକ୍ତିକୁ ଆପଣାଇବେ ସେ ନେଇ ଆହ୍ୱାନ ଦେଇଥିଲେ।

## ପରିଛାସାହିରେ ନାମ ସଂକୀର୍ତ୍ତନ

ଗୁଡାରି, ୨୮ ।୧ (ସମିସ): ଗୁଡାରୀ ପରିଚ୍ଛା ସାହିରେ ମାଘମାସ ତିଳ ସପ୍ତମି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କମିଟି ତରଫରୁ ପରିଷଦ ଏବଂ ପଞ୍ଚାୟତର ସଂକୀର୍ତ୍ତନ ମଣ୍ଡଳ ନିମନ୍ତ୍ରଣ କରାଯାଇଥିଲା। ରାତି ୧୦ଟା ସମୟରେ ଅସ୍ଥାୟୀ ମଣ୍ଡପରେ ଅଧିବାସ ସହ ଆଳତି ପୂଜାର୍ଚ୍ଚନା କରାଯାଇଥିଲା। ନାମ ସଂକୀର୍ତ୍ତନ ଅସଡା, ଡେପାଗୁଡ଼ା, ରାଉତଗୁଡ଼ା,ବାଲି ପାଙ୍ଗାର ଶତାଧିକ କୃଷ୍ଣପ୍ରେମୀ ରାମ ନାମରେ ବିଭୋର ହୋଇ ଉଦଣ୍ଡ କୀର୍ତ୍ତନ କରିଥିବା ଦେଖିବାକୁ ମିଳିଛି। ସୋମବାର ଦିନ ନଗର କୀର୍ତ୍ତନ ସହ ଦଧି ହାଣ୍ଡି ଭାଙ୍ଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯିବା କମିଟି ତରଫରୁ ଜଣାପଡିଛି। ଏଥିରେ ବି.ତିରୁମୁଲା, କେ.ଶ୍ରିନୁ ସନ୍ତୋଷ ପାଢି, ଡି.ସନ୍ତୋଷ କୁମାର, ରମେଶ କୁମାର, ଟୁଙ୍କୁଦୋରା ପୂର୍ଣ୍ଣ ସହଯୋଗ କରିଥିବା ଜଣାପଡିଛି।

**ଜୀବନ ଶୈଳୀ ସମ୍ପର୍କିତ ବିଜ୍ଞାନ ମେଳା**

## ପ୍ରଥମ ସ୍ଥାନରେ ଗୁଡ଼ାରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ

ରାୟଗଡ଼ା/ଜେକେପୁର,୨୮ ।୧(ସମିସ):



ରାୟଗଡ଼ା ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ରାୟଗଡ଼ା ବ୍ଲକ ଅନ୍ତର୍ଗତ ପେଣ୍ଟା ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପରିବେଶ ସୁରକ୍ଷା ନିମନ୍ତେ ଜୀବନ ଶୈଳୀ ସମ୍ପର୍କିତ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶାନ୍ତିଲତା ମୁନି ଓ ବିଜ୍ଞାନ ନିରୀକ୍ଷକ ଦୀପକ କୁମାର ବେହେରା ମଧ୍ୟ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ଗୌଡ଼ ମଞ୍ଚାସୀନ ଥିଲେ। ଆଜି ଏହି ମେଳାରେ ଜିଲ୍ଲାର ୧୧ଟି ବ୍ଲକ ର ୩୩ ଗୋଟି ପ୍ରକଳ୍ପ ପ୍ରଦର୍ଶିତ୍ ହୋଇଥିଲା। ଏହି ପ୍ରକଳ୍ପ ମଧ୍ୟରୁ ପ୍ରଥମ ସ୍ଥାନ ଗୁଡ଼ାରି ବ୍ଲକର ଓଏଭି ଆଦର୍ଶ ବିଦ୍ୟାଳୟ ,ଦ୍ୱିତୀୟ ସ୍ଥାନରେ ରାୟଗଡ଼ା ବାଳିକା ବିଦ୍ୟାଳୟ ,ତୃତୀୟ ସ୍ଥାନରେ କଲ୍ୟାଣସିଂପୁର ଓଏଭି ବିଦ୍ୟାଳୟ ସ୍ଥାନ ଅଧିକାର କରିଛି। ଅପରାହ୍ନର ପୁରସ୍କାର ବିତରଣୀ କାର୍ଯ୍ୟରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହାକ ଯୋଗ ଦେଇଥିବା ବେଳେ ବିଚାରକ ଭାବେ ଡ. ରବିନାରାୟଣ ପ୍ରଧାନ ଅଧ୍ୟାପକ ମଡେଲ ଡିଗ୍ରୀ କଲେଜ୍,ରାୟଗଡ଼ା, ଅଧ୍ୟାପକ ଡ. ଭବାନୀ ଶଙ୍କର ଦାସ ଉଗ୍ରତାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ପ୍ରାଧ୍ୟାପକ ଅନୁପ ସାହୁ ମଡେଲ ଡିଗ୍ରୀ କଲେଜ, ରାୟଗଡ଼ା ଦାୟିତ୍ୱ ତୁଲାଇଥିଲେ।ଶିକ୍ଷୟତ୍ରୀ ସସ୍ମିତା ମଧ ପରିଚାଳନା କରିଥିବା ବେଳେ ଅମ୍ବିକା ସେଠୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଧାନଶିକ୍ଷକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

କୋରାପୁଟ,୨୮ ।୧(ସମିସ) କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ ମଧ୍ୟରେ କୃଷି ଏବଂ ସହଯୋଗୀ କ୍ଷେତ୍ରରେ ଗବେଷଣା, ନବୋନ୍ମେଷ ଓ ବିସ୍ତାର କାର୍ଯ୍ୟକଳାପକୁ ସୁଦୃଢ଼ କରିବା ଦିଗରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି।ଭୁବନେଶ୍ୱରସ୍ଥିତ ଓୟୁଏଟିର କୁଳପତି ସମ୍ମେଳନ କକ୍ଷରେ ସମ୍ପନ୍ନ ହୋଇଥିବା ଏମଓୟୁ ରେ ସିୟୁର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଦୁଇ ବିଶ୍ୱବିଦ୍ୟାଳୟର ବରିଷ୍ଠ କର୍ତ୍ତୃପକ୍ଷ ଓ ଅଧ୍ୟାପକମାନଙ୍କ ଉପସ୍ଥିତିରେ ଏହି ସମ୍ମତି ପତ୍ରରେ ସ୍ୱାକ୍ଷର କରିଥିଲେ।ସିୟୁଓ ପକ୍ଷରୁ କୃଷି ବିଭାଗ ମୁଖ୍ୟ ଡ଼. ମଞ୍ଜୁଶ୍ରୀ ସିଂହ, ଦୁଗ୍ଧ ବିଜ୍ଞାନ ବିଭାଗ ମୁଖ୍ୟ ଡ଼. ସଞ୍ଜୟ କୁମାର ପ୍ରଧାନ ଓ କୁଳପତିଙ୍କ ବିଶେଷ କାର୍ଯ୍ୟାଧିକାରୀ ଡ଼. ଅନୁପମ ଡାକୁଆ ଉପସ୍ଥିତ ଥିଲେ। ଓୟୁଏଟି ପକ୍ଷରୁ ଗବେଷଣା ନିର୍ଦ୍ଦେଶକ ଡ଼. ନିରଞ୍ଜନ ପାଣ୍ଡା ଓ ଯୋଜନା, ନିରୀକ୍ଷଣ ଓ ମୂଲ୍ୟାୟନ ନିର୍ଦ୍ଦେଶକ ଡ଼. ଶୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଏମଓୟୁ ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ମଧ୍ୟରେ ଗୁଣାକେ ଶିକ୍ଷା ଓ ବୈଜ୍ଞାନିକ ସହଯୋଗର ନୂତନ ଦିଗ ଖୋଲିବ। ଏହା ମାଧ୍ୟମରେ ଛାତ୍ର ଛାତ୍ରୀ, ବୈଜ୍ଞାନିକ ଓ ଅଧ୍ୟାପକମାନଙ୍କ ଆଦାନ ପ୍ରଦାନ ସହିତ କାର୍ଯ୍ୟପଦ୍ଧତି, ପ୍ରଯୁକ୍ତି, ବୈଜ୍ଞାନିକ ଲେଖା ଓ ସୂଚନାର ସାମୂହିକ ବ୍ୟବହାର ସମ୍ଭବ ହେବ ବୋଲି ସିୟୁର ଭାରପ୍ରାପ୍ତ କୁଳପତି ପ୍ରଫେସର ଶ୍ରୀ ପଣ୍ଡା କହିଛନ୍ତି।ଏହି ଏମଓୟୁ ତିନି ବର୍ଷ ପର୍ଯ୍ୟନ୍ତ ବୈଧ ରହିବ ଏବଂ ପାରସ୍ପରିକ ସହମତି ଓ କାର୍ଯ୍ୟଦକ୍ଷତା ଆଧାରରେ ଏହାକୁ ଆଗକୁ ବଢ଼ାଯାଇପାରିବ ବୋଲି ସିୟୁଓର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି।



